## ପୋଷଣ ମାହ ସପ୍ତାହ ପାଳିତ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ପୋଷଣ ମାହା ଅଭିଯାନ ସପ୍ତାହ ପାଳନ କରାଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ସେକ୍ଟର ସୁପରଭାଇଜର, କର୍ମଚାରୀ, ବ୍ଲକର ସମସ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀ, ପାଚିକା, ସହାୟିକା କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ପୋଷଣ ମାହା ସପ୍ତାହ ପାଳନ ଅବସରରେ ବାଲ୍ୟ ବିବାହ ବନ୍ଦ କରିବା, ଭ୍ରୂଣହତ୍ୟା ରୋକିବା ଓ କିଶୋରି ବାଳିକାଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଦେବା ଓ ସେମାନଙ୍କ ଯତ୍ନ ନେବା ଉପରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ବାର୍ତ୍ତା ଦେଇଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀ

**କୋକସରା,୨୦।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରେ



ଆୟୋଜିତ ଜିଲାସ୍ତରୀୟ ଯୋଗ ପ୍ରତିଯୋଗିତାରେ କୋକସରା ବ୍ଲକ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ପ୍ରୀତି ରାଉତ ରାଜ୍ୟସ୍ତରୀୟକୁ ମନୋନୀତ ହୋଇଛନ୍ତି। ୧୪ ବର୍ଷରୁ କମ ବାଳିକା ବିଭାଗରେ ଜିଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଆସନ୍ତା ୨୩ ଓ ୨୪ରେ ଭଦ୍ରକ ଜିଲା ତିହିଡ଼ିରେ ହେବାକୁଥିବା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଭାଗ ନେବେ। ସେ ୨୦୨୨ରେ ମଧ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁଣି ଥରେ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ପ୍ରୀତି ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଖେଳ ଶିକ୍ଷକ ଅମିତ ମହାନ୍ତି ଓ ଆଦର୍ଶ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।

### ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ନିଆଁ

**ଲାଞ୍ଜିଗଡ଼,୨୦।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଶୁକ୍ରବାର ନିଆଁ ଲାଗିଯାଇଛି। ଫଳରେ ଆଖପାଖରେ ଥିବା ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ସୂଚନା ମୁତାବକ ସକାଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀ ପାର୍ଶ୍ୱରେ ବହୁଦିନ ଧରି ପଡି ରହିଥିବା ପୁରୁଣା ଆମ୍ବୁଲାନ୍ସ ଟାୟାର ସହ ମେଡିକାଲର ଆବର୍ଜନା ବସ୍ତୁକୁ କିଏ ନିଆଁ ଲଗାଇ ଦେଇଥିଲେ। ଏହି ନିଆଁ ଧୀରେ ଧୀରେ ଆଖପାଖରେ ଲାଗିଯିବାରୁ ନିକଟ ମେଡ଼ିକାଲ ଷ୍ଟାଫ କଲୋନୀରେ ରହିଥିବା କର୍ମଚାରୀଙ୍କ ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ମେଡ଼ିକାଲ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଆଳିଆ ଗଦାରେ ନିଆଁ ଲଗାଇ ଘଟଣାସ୍ଥଳରେ ଜଗି ନ ରହିବା ଯୋଗୁ ନିଆଁ ଧୀରେ ଧୀରେ ଉଗ୍ର ରୂପ ଧାରଣ କରିଥିଲା।

### ମହିଳା ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

**ଖଡ଼ିଆଳ,୨୦।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ପଲ୍ଲୀ ପ୍ରଗତି ଉଚ୍ଚ ବିଦ୍ୟାଳୟରେ ମହିଳା ଆତ୍ମା ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ୭ ଦିନ ଧରି ଚାଲିଥିବା ବେଳେ ୧୩୧ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ତାଲିମ ପ୍ରଦାନ କରିଥିଲେ ଲିଲିମା ବାରିକ ଆତ୍ମରକ୍ଷା କୌଶଳ ଓ ତାର ପ୍ରୟୋଗ ଉପରେ ଗୋଟି ଗୋଟି କରି ତାଲିମ ପ୍ରଦାନ କରିଥିଲେ। ଏଥିରେ କଲେଜ ଅଧକ୍ଷ ରୁଦ୍ରମାଧବ ବାରି, ଅଧାପକ ଆମ୍ବରିଷ ପାଳ, ଘନ ସୁନ୍ଦର ପୁଞ୍ଜି, ରାଜେନ୍ଦ୍ର ବେହେରା, ଅସିତ ସୁପକାର, ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅବ୍ୟବସ୍ଥାରେ ଜୁନାଗଡ଼ ଏସ୍‌ବିଆଇ ମୁଖ୍ୟ ଶାଖା

**ଭବାନୀପାଟଣା,୨୦।୧(ସ୍ୱ.ପ୍ର.)**

- ଟଙ୍କା ପାଇଁ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛନ୍ତି ଗ୍ରାହକ
- ଅନ୍ୟ କାଉଣ୍ଟରେ କର୍ମଚାରୀ, ଖାତା ଖୋଲି ପାରୁନାହାନ୍ତି ହିତାଧିକାରୀ
- ଛୁଟିରେ ଶାଖା ପରିଚାଳକ ସମେତ ୩ କର୍ମଚାରୀ




କଳାହାଣ୍ଡି ଜିଲା ଜୁନାଗଡ ସହର କଲମପୁର ଛକରେ ଥିବା ଏସ୍‌ବିଆଇ ମୁଖ୍ୟ ଶାଖା ଏବେ ଅବ୍ୟବସ୍ଥାରେ ଚାଲିଥିବା ଦେଖିବାକୁ ମିଳିଛି। ଫଳରେ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବା ହଜାର ହଜାର ହିତାଧିକାରୀ, ଗ୍ରାହକ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବ୍ୟାଙ୍କ ଖାତା ଖୋଲିବା ପାଇଁ ନିୟୋଜିତ ହୋଇଥିବା କର୍ମଚାରୀ (କିରାଣି) ଏବେ କେସ୍ ଅଫିସର ଦାୟିତ୍ୱରେ ଥିବା ଓ ବ୍ୟାଙ୍କ ପରିଚାଳକ ଛୁଟିରେ ଥିବାରୁ ଗତ କିଛି ଦିନ ହେଲା ନୂତନ ବ୍ୟାଙ୍କ ଖାତା ଖୋଲା ଯାଇପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏହି ବ୍ୟାଙ୍କକୁ ଖାତା ଖୋଲିବାକୁ ଆସୁଥିବା ହିତାଧିକାରୀମାନେ ଖାତା ଖୋଲି ନ ପାରି ନିରାଶ ହୋଇ ଘରକୁ ଫେରୁଛନ୍ତି। ଯଦି କେହି ଖାତା ଖୋଲିବା ଜରୁରୀ ଅଛି କହିଲେ ଏସବିଆଇର ଅନ୍ୟ ବ୍ରାଞ୍ଚରେ ଯାଇ ଖାତା ଖୋଲନ୍ତୁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଟଙ୍କା ଉଠାଇବାକୁ ଆସୁଥିବା ହିତାଧିକାରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି କାଉଣ୍ଟର ଆଗରେ ଛିଡ଼ା ହେବାକୁ ପଡୁଛି। ଯଦି ୫୦ ହଜାରରୁ ଅଧିକ ଟଙ୍କା ଗ୍ରାହକ ଉଠାଇଛନ୍ତି ତାହାହେଲେ ଉକ୍ତ କାଉଣ୍ଟରରେ ଏଣ୍ଟ୍ରି କରି ସାରିଲା ପରେ ପୁଣି ଅନ୍ୟ କାଉଣ୍ଟରକୁ ଯାଇ ପାସ୍ କରି ଆଣିଲେ ତାପରେ ଯାଇ ଟଙ୍କା ମିଳୁଛି। ସେହିପରି ଏଠାରେ ନିୟୋଜିତ ଥିବା ସୁରକ୍ଷା କର୍ମୀମାନେ କୌଣସ ଅବ୍ୟବସ୍ଥାକୁ ନେଇ ଯଦି କେହି ଗ୍ରାହକ ଅଭିଯୋଗ କଲେ ଓଲଟି ଗ୍ରାହକଙ୍କୁ ସେମାନେ ନିତୀବାଣୀ ଶୁଣାଉଛନ୍ତି। ଏଠାରେ କର୍ମଚାରୀ ଅଭାବ ଥିବା ସତ୍ତ୍ୱେ ମଧ ଏଠାକାର ଶାଖା ପରିଚାଳକ (ବିଏମ୍)ଙ୍କ ସମେତ ୩ କର୍ମଚାରୀ ଛୁଟିରେ ରହିଥିବା ଜଣାପଡିଛି। ଏପରି ଅବ୍ୟବସ୍ଥା ସାଙ୍ଗକୁ ଓ କାର୍ଯ୍ୟରତ କର୍ମଚାରୀଙ୍କ ଉତ୍ତମ ବ୍ୟବହାର ମିଳୁ ନ ଥିବାରୁ ଗ୍ରାହକ ଏବେ ଏସବିଆଇ ପ୍ରତି ଇଚ୍ଛା ଥିଲେ ମଧ ମୁହଁ ମୋଡି ବାଧ ହୋଇ ଅନ୍ୟ ବେସକାରୀ ବ୍ୟାଙ୍କକୁ ଯାଇ ଖାତା ଖୋଲି କାରବାର କରୁଛନ୍ତି। ଏ ନେଇ ସ୍ଥାନୀୟ ଶାଖା ପରିଚାଳକ (ବିଏମ) ମହେନ୍ଦ୍ର ଶବରଙ୍କୁ ପଚାରିବାରୁ ଏମିତି ଏକା ସିଷ୍ଟମ ଚାଲିଛି ବୋଲି କହିଥିଲେ। ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ରାଜ୍ୟସ୍ତରୀୟ କଳାକାର କ୍ରିକେଟ ଟୁର୍ନାମେଣ୍ଟ: ରାୟଗଡ଼ା ବିଜୟୀ

**ଭବାନୀପାଟଣା,୨୦।୧(ସ୍ୱ.ପ୍ର.):** ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ପଡିଆଠାରେ ଶୁକ୍ରବାର ପ୍ରଥମ ରାଜ୍ୟସ୍ତରୀୟ କଳାକାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ୍ ରାୟଗଡା କଳାକାର ଟିମ୍ ଓ ବଲାଙ୍ଗୀର ଜିଲା ପାଟଣାଗଡ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାୟଗଡା କଳାକାର ଟିମ୍ ବିଜୟୀ ହୋଇଥିଲା। ଖେଳ ରାକେଶ ବେହେରା, ଘନଶ୍ୟାମ ପଣ୍ଡା ପରିଚାଳନା କରିଥିଲେ। କଳାହାଣ୍ଡି କଳାକାର ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା ଯୋଗଦେଇଥିଲେ। ଅବଦୁଲ କାଦିର ଅଧକ୍ଷତା କରିଥିଲେ। ପ୍ରଦୀପ ଧଙ୍ଗଡାମାଝି ସଭା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କଳାହାଣ୍ଡି କଳାକାର ଫେସବୁକ ଫେଜର ଫାଉଣ୍ଡର ସନ୍ତୋଷ କୁମାର ରାଉତ, କୋଷାଧକ୍ଷ କମଳ ଲୋଚନ ବାଗ, କୋଷାଧକ୍ଷ କମଳ ଲୋଚନ ରାଉତ, ସମ୍ପାଦକ କ୍ରୀଷ୍ଣା ମୋହନ ବିହାରୀ, ଉପସଭାପତି ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।

# ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ମୁଖ୍ୟଅତିଥି ଭୂପିନ୍ଦର ସିଂ ଉଦ୍‌ବୋଧନ ଦେଉଛନ୍ତି।

**କର୍ଲାମୁଣ୍ଡା,୨୦।୧(ଡି.ଏନ.ଏ.)**

**ଶିକ୍ଷା ହିଁ ଗୋଟିଏ ଦେଶର ବିକାଶର ପ୍ରମୁଖ ମାଧ୍ୟମ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟ ଅଧକ୍ଷ ପ୍ରଧାପକ ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ଓଡିଶା ବିଧାନସଭା ଶିକ୍ଷା ବିଭାଗ ସ୍ଥାୟୀ କମିଟି ଅଧକ୍ଷ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ପ୍ରଫେସର ପି.ଏ.କେ ତ୍ରିପାଠୀ, ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ସମିତିସଭ୍ୟ ନିମାଇଁଚରଣ ବେହେରା ଯୋଗଦେଇଥିଲେ। ଶିକ୍ଷା ହିଁ ଗୋଟିଏ ଦେଶର ବିକାଶର ପ୍ରମୁଖ ମାଧମ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ନରୋତ୍ତମ ସେଲମା ସଭା ସଂଯୋଜନା କରିଥିବା ବେଳେ ଅଧାପକ ହେମନ୍ତ ଚୌଧୁରୀ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଗିରିରାଜ ଗହିର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧରେ କ୍ରୀଡା ଶିକ୍ଷକ ଲଳିତ ଦାସ, ନିଳାମ୍ବର ପାତ୍ର, ବରିଷ୍ଠ କିରାଣି ଚନ୍ଦନ ରଣା, ଗ୍ରନ୍ଥପାଳ ଚିନ୍ମୟ ରଣା, ଡିଓଇ ସୌମ୍ୟରଞ୍ଜନ ତ୍ରିପାଠୀ, ଜଗଦୀଶ ଭୋଇ, ନାରାୟଣ ଗହୀର, ଯୋଗେନ୍ଦ୍ର ବେହେରା, ପାଣ୍ଡବ ହରିଜନ, କଳ୍ପ ରଣା ସହଯୋଗ କରିଥିଲେ। ସାଂସ୍କୃତିକ ନକାର୍ଯ୍ୟକ୍ରମରେ ଛାତ୍ରୀ ଗୀତାଞ୍ଜଳୀ ସାହୁ, ମିଥୁନ ସାହୁ, ଶିଖାମୟୀ ଭୋଇ, ରୋଜାଲିନ ସେଠ୍, ଜନନୀ ସେଠ୍ ଏବଂ ଦିବ୍ୟ ରଞ୍ଜନ କୁମାର ଉପସ୍ଥାପନାରେ ସହଯୋଗ କରିଥିଲେ।

# ୮ ପଞ୍ଚାୟତ ବନ୍ଦ, ପ୍ରକଳ୍ପ ହିଡ଼ ଉପରେ ମହାସଭା



ଧାରଣାରେ ଉପରମୁଣ୍ଡ ଚାଷୀ।

**ନୂଆପଡ଼ା ଅଫିସ,୨୦।୧**

**ପାଣି ଆବଣ୍ଟନ ନେଇ ଚାଷୀଙ୍କ ବିବାଦ**

- ସମାଧାନ କରିବାରେ ଜିଲା ପ୍ରଶାସନ ନାକେଦମ

ନୂଆପଡା ସଦର ବ୍ଲକ ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପାଣି ଆବଣ୍ଟନ ଘଟଣା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଉଭୟ ପକ୍ଷ ନିଜ ଜିଦରେ ଅଟଳ ରଟଳ ରହିଛନ୍ତି। ଗୋଟିଏପକ୍ଷ ରାଜରାସ୍ତା ଅବରୋଧ କରିଥିବା ବେଳେ ଅନ୍ୟପକ୍ଷ କେନାଲ ହିଡରେ ଧାରଣା ଦେବା ସହ ଅଞ୍ଚଳ ମହାବନ୍ଦ କରିଛନ୍ତି। ତଳମୁଣ୍ଡ ଚାଷୀ ପାଣି ପାଇବା ସେମାନଙ୍କ ନୈତିକ ଅଧିକାର ବୋଲି କହୁଥିବା ବେଳେ ଉପରମୁଣ୍ଡ ଚାଷୀ ଏହାକୁ ସମ୍ବିଧାନିକ ଅଧିକାର ବୋଲି ମତ ଦେଉଛନ୍ତି। ପାଣି ଆବଣ୍ଟନକୁ ନେଇ ଉପରମୁଣ୍ଡ ଚାଷୀ ଗତ ୧ ତାରିଖରୁ ପତୋରାସ୍ଥିତ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ହିଡ ଉପରେ ଧାରଣାରେ ବସି ରହିଛନ୍ତି। ତଳମୁଣ୍ଡ ଚାଷୀମାନେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ପାଣି ପାଇବାକୁ ଜିଦରେ ବସିଥିବା ବେଳେ ଉପରମୁଣ୍ଡ ଚାଷୀମାନେ ମଧ୍ୟ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ଆମ ସହ ଆଲୋଚନା କରିବା ପରେ ଜିଲା ପ୍ରଶାସନ କିଛି ନିଷ୍ପତ୍ତି ନେଇ ପାରିବେ ବୋଲି କହୁଛନ୍ତି। ଶୁକ୍ରବାର ପତୋରା ଡ୍ୟାମର ପାଦତଳେ ଥିବା ପ୍ରାୟ ୮ଟି ପଞ୍ଚାୟତ ସାରାବଙ୍ଗ, ଆମାନାରା, ଖୁଟମନଭେରା, ଧରମବନ୍ଧା, ଚୂଳାଭାଟ, ମୋଟାନୂଆପଡା, କେନ୍ଦୁବାହାରାରେ ବନ୍ଦ ପାଳନ ସହିତ ପତୋରା ଜଳସେଚନ ପ୍ରକଳ୍ପ ହିଡ ଉପରେ ଏକ ମହାସଭାର ଆୟୋଜନ କରିଥିଲେ। ମହାସଭାରେ ପ୍ରକଳ୍ପରୁ ପାଣି ଛଡା ଯାଏ, ତେବେ ଜିରୋହେଡରୁ ଛଡାଯିବ। ଜିରୋହେଡରୁ ପାଣି ଛଡା ନ ଗଲେ ଅନସନ ଜାରି ରହିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଉପରମୁଣ୍ଡ ଚାଷୀଙ୍କ ଧାରଣା ୨୦ ଦିନ ହୋଇଥିବା ବେଳେ ପାଣି ନ ଛାଡିବା ପର୍ଯ୍ୟନ୍ତ ଦୋକାନ ବଜାର ସବୁ ବନ୍ଦ ରହିବ ବୋଲି ନିଷ୍ପତ୍ତି ନେଇଛନ୍ତି।

## କୋଣାର୍କ ସ୍ପିନିଂ ମିଲ ପୁନରୁଦ୍ଧାର ପାଇଁ ସ୍ମାରକପତ୍ର

**ଭବାନୀପାଟଣା,୨୦।୧(ସ୍ୱ.ପ୍ର.)**

କଳହାଣ୍ଡି ଜିଲା କେସିଙ୍ଗାସ୍ଥିତ କୋଣାର୍କ ସ୍ପିନିଂ ମିଲ ଓ ଜିନିଙ୍ଗ ମିଲର ପୁନରୁଦ୍ଧାର ପାଇଁ ସାଇନିଙ୍ଗ କଳାହାଣ୍ଡି ଅଧକ୍ଷ ଡ଼.ଭବାନୀ ଶଙ୍କର ନିଆଲ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତ। ଏହାର ଏକକିତା ନକଲ ଏମପି ଓ ବିଧାୟକ, ମୁଖ୍ୟ ଶାସନ ସଚିବ, କୃଷି ଓ ବୟନଶିଳ୍ପ ପ୍ରମୁଖ ଶାସନ ସଚିବଙ୍କୁ ପ୍ରେରଣ କରିଛନ୍ତି। ସୂଚନାଯୋଗ୍ୟ ଯେ, କୋଣାର୍କ ସ୍ପିନିଂ ମିଲ ଯାହା ଓଡିଶାରେ ଏପରି ଏକ ସ୍ପିନିଂ ମିଲ ଯଦିଓ ଓଡିଶାର ୬ଟି ସ୍ପିନିଂ ମିଲ ବନ୍ଦହେବା ସ୍ଥଳେ କେସିଙ୍ଗାସ୍ଥିତ ସ୍ପିନିଂ ମିଲ ଓ ଜିନିଙ୍ଗ ମିଲ ବର୍ତ୍ତମାନ କାର୍ଯ୍ୟକାରୀ ଅବସ୍ଥାରେ ଅଛି। କିନ୍ତୁ ଏହାର ପୁନରୁଦ୍ଧାର ଅତ୍ୟନ୍ତ ଆବଶ୍ୟକତା ପଡୁଛି। ପୂର୍ବତନ ଜିଲାପାଳ ଜିନିଙ୍ଗ ମିଲକୁ ଚଳାଇବା ପାଇଁ ପାଖାପାଖି ଦେଢ଼ କୋଟି ଆର୍ଥିକ ଅନୁଦାନ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ସେହିପରି ସ୍ପିନିଂ ମିଲକୁ ଚାଲୁ କରିବା ପାଇଁ ପାଖାପାଖି ୫୦ କୋଟି ଟଙ୍କାର ବ୍ୟୟବରାଦ ଆବଶ୍ୟକତା ରହୁଛି। ଯଦି ଏହି ଆର୍ଥିକ ଆବଣ୍ଟନ ସ୍ପିନିଂ ମିଲ ଓ ଜିନିଙ୍ଗ ମିଲ ପାଇଁ କରାଯାଏ ତାହେଲେ ନିଶ୍ଚିତ ଭାବରେ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ରାୟଗଡା ଓ ନବରଙ୍ଗପୁର ଜିଲାର ଚାଷୀ ଉପକୃତ ହେବା ସଙ୍ଗେ ସଙ୍ଗେ ବାର୍ଷିକ ୪୦ ହଜାର କର୍ମସଂସ୍ଥାନ ଯୋଗାଇବାରେ ସକ୍ଷମ ହେଇପାରିବ ଏହି ସ୍ପିନିଙ୍ଗ ମିଲ ଓ ଜିନିଙ୍ଗ ମିଲ। ରାଜ୍ୟ ସରକାରଙ୍କୁ ଏକ ସ୍ମାରକ ପତ୍ର ଜରିଆରେ ସାଇନିଙ୍ଗ କଳାହାଣ୍ଡି ଅଧକ୍ଷ ଡ଼. ଭବାନୀ ଶଙ୍କର ନିଆଲ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକସ୍ମାରକ ପତ୍ର ଦେଇ ନିବେଦନ ଜଣାଇଛନ୍ତି ।

# ଜୋନସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ଖଡ଼ିଆଳ,୨୦।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ମୋଡେଲ ଡିଗ୍ରୀ କଲେଜରେ ଜୋନସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷ୍ୟବିତ ଭଲଭଦ୍ର ମହାଉତି ପୂର୍ବତନ ଅଧକ୍ଷ ମେଜର ଡ଼ା ରାମଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଇଲିଂଶ ଓ ଓଡ଼ିଆରେ ମହିଳାଙ୍କ ପାଇଁ ସଂରକ୍ଷଣ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କଲେଜ ଅଧକ୍ଷ ଡ ଶିବ କୁମାର ସାହୁ, ସଂଯୋଜକ ଭାବେ ଅଧାପକ ସ୍ୱସ୍ତିକ ସୁମନ ରାଉତରାୟ, ଲଳିତ କୁମାର ଡୁଙ୍ଗଡୁଙ୍ଗ, ପ୍ରୀତିସ୍ୱପ୍ନା ପଟ୍ଟନାୟକ ଓ ରଞ୍ଜନ ସିଂ ସହଯୋଗ କରିଥିଲେ। ଇଲିଂଶରେ ମୌତ୍ରୀ, ଯୋଗୀତ ଅଗ୍ରୱାଲ, ସ୍ନେହଲତା କୁମାର, ଓଡ଼ିଆରେ ହିନା ରାଣୀ ବେହେରା, ସ୍ୱୟଂ ସରଗମ ବାରିକ, ସୀନୟୀ କୁମାର ବାରିକ, ସମ୍ମାନିତ ହୋଇଥିଲେ।

# ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ: ଭାଲୁପିଆ ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ।

**ମଦନପୁର,୨୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ଚାଲିଥିବା ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୩ୟ ଦିବସ ମ୍ୟାଚ୍‌ରେ ଭାଲୁପିଆ ବିଜୟୀ ହୋଇଛି। ତୃତୀୟ ଦିନରେ ମୁଖ୍ୟଅତିଥି ଭାବେ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ଭୁପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଟୁକୁ ପୂଝାରୀ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭାଲୁପିଆ ଏବଂ ରେଗେଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ଭାଲୁପିଆ ଦଳ ଟସ୍ ଜିଣି ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୧୦୩ ରନ୍ ସଂଗ୍ରହ କରିଥିଲା। ଜବାବରେ ରେଗେଡା ଦଳ ୬୬ରନ୍ କରି ଅଲ୍‌ଆଉଟ୍ ହୋଇ ପରାଜିତ ହୋଇଥିଲା। ଭାଲୁପିଆ ଦଳର ବୁଲୁ ପୁଟେଲ ୨୫ବଲ୍‌ରେ ୭୫ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ମ୍ୟାଚ୍‌ରେ ଅମ୍ପାୟର ଦ୍ୱୟ ଅଶ୍ୱିନ ଗହିର ଏବଂ ଚିତ୍ତରଞ୍ଜନ୍ ପୂଝାରୀ ଖେଳ ପରିଚାଳନା କରିଥିବାବେଳେ ରାଜିନ୍ଦ୍ର ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଶମ୍ଭୁ ବାହୁକ ଓ ନରେସ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ।

# ୩ୟ ଦିନରେ ଖଳା ନିର୍ମାଣ ପ୍ରାପ୍ୟ ପ୍ରଦାନ ଦାବିରେ ଅନଶନ

**କର୍ଲାମୁଣ୍ଡା,୨୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନଖଳା ନିର୍ମାଣର ଦୁଇ ବର୍ଷ ପରେ ମଧ ଟଙ୍କା ମିଳି ନ ଥିବାରୁ କାମରେ ନିୟୋଜିତ ମେଟ୍ ଓ ଶ୍ରମିକମାନେ ବ୍ଲକ ସମ୍ମୁଖରେ ବସିଥିବା ଆମରଣ ଅନଶନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ଧାରଣାସ୍ଥଳକୁ ବିଡିଓ ସୁଚରିତା ମୁଗ୍ରୀ, ତହସିଲଦାର ମିଳନ କୁମାର ଝାଙ୍କର ପହଞ୍ଚି ଧାରଣାକାରୀଙ୍କୁ ବୁଝାଇଥିଲେ। ପ୍ରାପ୍ୟ ପ୍ରଦାନ ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆର୍କଷଣ କରିବୁ ବୋଲି କହିବା ପରେ ମଧ ଧାରଣାରତ ମେଟ୍‌ମାନେ ଧାରଣା ପ୍ରତ୍ୟାହାର କରି ନ ଥିଲେ। ସୋମବାରଠାରୁ ଖଳାରେ ନିୟୋଜିତ ସମସ୍ତ ଶ୍ରମିକ, ମିକ୍ସଚର ମେଶିନ, ଟ୍ରାକ୍ଟରଗୁଡିକୁ ଆଣି ବ୍ଲକ ସମ୍ମୁଖରେ ରଖାଯିବ ବୋଲି ଲିଖିତ ଭାବେ ବିଡିଓଙ୍କୁ ଜଣାଇଥିଲେ।

# ଜିଲାସ୍ତରୀୟ ଯୁବ ରେଡ଼କ୍ରସ ଶିବିର ଉଦ୍‌ଘାଟିତ

**କୋକସରା,୨୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟଠାରେ ୩ଦିନିଆ ଜିଲାସ୍ତରୀୟ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଗୁଣାକାର ପଣ୍ଡାଙ୍କ ସଭାପତିତ୍ୱରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଯୋଗଦେଇ କହିଥିଲେ ତିନି ପୁରୁଷର ଗୁଣସୂତ୍ରରୁ ଆମର ସୃଷ୍ଟି। ତେଣୁ ଆମେ ତାଙ୍କ ଋଣ ସୁଝିବା ପାଇଁ ବିଭିନ୍ନ ସେବା କ୍ଷେତ୍ରରେ ଯୋଗଦେବା। ସମ୍ମାନିତ ଅତିଥି ଭାବେ ଜିଲା ଯୁବ ରେଡକ୍ରସ ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ଓ ଲଦୁଗାଁ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ନିହାରକାନ୍ତ ପଣ୍ଡା, ବ୍ଲକ ଉପାଧକ୍ଷ ରାଜିବ ଅଗ୍ରୱାଲ, କୋକସରା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧିର କୁମାର ପଣ୍ଡା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଓ ମୁଖ୍ୟବକ୍ତା ଭାବେ ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା ଜିଲା ଯୁବ ରେଡକ୍ରସର ସଫଳତାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରା ଶିବିରାର୍ଥୀମାନଙ୍କୁ ଶିବିରର ନିୟମାବଳୀ ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ଜଗନ ଚନ୍ଦାନୀ ଧନ୍ୟବାଦ ଦେଇ ଥିବାବେଳେ ଅଧାପକ ଅଈରୀ ନାଶନ ଚିନ୍ଦା ମଞ୍ଚ ପରିଚାଳନା କରିଥିଲେ। ଶିବିରାର୍ଥୀମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହେବ। ଶିବିରରେ ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚମାଧମିକ ବିଦ୍ୟାଳୟରୁ ୧୨୦ଜଣ ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଶିବିର ପରିଚାଳନାରେ ପୁଷ୍ପରାଜ ମେହେର, ଜିତେନ୍ଦ୍ର କୁମାର ପ୍ରଧାନୀ, ପ୍ରତାପ ବିଷି, ହୃଦାନନ୍ଦ ଧଙ୍ଗଡାମାଝି, ସୁନୀଲ ପ୍ରଧାନୀ,ଉଜାଗର ମାଝି, ଲାଲୁ ପ୍ରଧାନୀ, ତପନ ବିଷି, ବିଷ୍ଣୁ ପ୍ରସାଦ ବିଷି, ପିତବାସ ରାଉତ, ମୋହନ ବିଷି ପ୍ରମୁଖ ଶିକ୍ଷକ ଅଣଶିକ୍ଷକ ତଥା ଯୁବରେଡକ୍ରସ ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ, ଏନସିସି ଓ ଏନଏସଏସ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।



ଶିବିରରେ ଯୋଗଦେଇଥିବା ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଏବଂ ଅତିଥିବୃନ୍ଦ।

# ପିଏମ୍‌ଏୱାଇରେ ଦୁର୍ନୀତି ଅଭିଯୋଗ ନେଇ ବିକ୍ଷୋଭ

**କର୍ଲାମୁଣ୍ଡା,୨୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)ରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶୁକ୍ରବାର କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ତଥା ଜିଲାପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ରିଞ୍ଜା ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, ବରିଷ୍ଠ ଯୁବ ନେତା ବିଭୂତି ଭୂଷଣ ମହାକୁଡ, ବାଦଲୁ ଜାନୀ, ରଶ୍ମିକାନ୍ତ ସାହୁ, ଉତ୍ତମ ଭୋଇ, ବବୁରୁ ବାହାନ ଭୋଇ, ସଂକିର୍ତନ ଭୋଇ, ଦୟା ମାଝି, ରମେଶ ପୁଟେଲ, ଲାଭି ରଣା, ମକରଧ୍ୱଜ ସାହୁ,



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିହାରିଲାଲ ସାହୁ ପ୍ରମୁଖ ଯୋଗଦେଇ କର୍ଲାମୁଣ୍ଡା ବ୍ଲକରେ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତିର ତଦନ୍ତ ଓ ପ୍ରକାଶ ହିତାଧିକାରୀଙ୍କ ତାଲିକାରେ ସ୍ଥାନ ପାଇ ନ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ ପାଇଁ ଦାବି କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସୁଶ୍ରୀ ସୁଚରିତା ମୁଗ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ବର୍ତ୍ତମାନ ପ୍ରକାଶ ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା, ପୂର୍ବରୁ ଏସଇସିସି ତାଲିକାରେ ନାମ ଥିବା ବ୍ୟକ୍ତିଙ୍କ ନାଁ ସଦ୍ୟ ପ୍ରକାଶିତ ତାଲିକାରେ ନ ଥିବାରୁ ସେମାନଙ୍କୁ ସାମିଲ କରିବା ସମସ୍ତ ଯୋଗ୍ୟ ବିଧବା, ଭିନ୍ନକ୍ଷମ ଓ ବାସହରାଙ୍କୁ ଘର ଯୋଗାଇ ଦେବା ବ୍ଲକରେ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ଦାୟୀ କର୍ମଚାରୀଙ୍କୁ କୋଠର କାର୍ଯ୍ୟାନୁଷ୍ଠାନ ନେବା, ବ୍ଲକରେ କାର୍ଯ୍ୟରତ ଜନୈକ କର୍ମଚାରୀଙ୍କ ବାପା ନାମରେ ଇନ୍ଦିରା ଆବାସ ଓ ମା ନାମରେ ବିଜୁ ପକ୍କାଘର ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗୁହାଳ କରିଥିବାରୁ ଏହାର ତଦନ୍ତ କରିବା, ବୋରପଦର ପଞ୍ଚାୟତର ଖଲିଆପାଲି ଗ୍ରାମର ନିରଞ୍ଜନ ମାଝିଙ୍କ ଆବାସ ଯୋଜନାର ତୃତୀୟ କିସ୍ତି ଟଙ୍କା ୪୫ ହଜାର ଟଙ୍କା ଅନ୍ୟ ଜଣଙ୍କ ଏକାଉଣ୍ଟରେ ଜମା କରି ଆତ୍ମସାତ କରାଯାଇଥିଲା ଯାହାକି ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ଉକ୍ତ ଟଙ୍କା ଜମା କରିବା ଓ ଏ ପର୍ଯ୍ୟନ୍ତ ମାଝି ଶେଷ କିସ୍ତି ପାଇ ନ ଥିବାରୁ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଉଲ୍ଲେଖ କରାଯାଇଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ମ.ରାମପୁର ଥାନା ଅଧିକାରୀଙ୍କ ସଚିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ବଂଶୀଧର ସାମଲଙ୍କ ସମେତ ଏକ ଟିମ୍ ମୁତୟନ ହୋଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ସାଇ ଟ୍ରଷ୍ଟ ତରଫରୁ ଚକ୍ଷୁ ପରୀକ୍ଷା ଶିବିର

**ତରଭା,୨୦।୧(ଡି.ଏନ.ଏ. ):** ସାଇ ଫାଉଣ୍ଡେଶନ ଟ୍ରଷ୍ଟ ଭୁବନେଶ୍ୱର ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁରର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ଏକ ଧର୍ମଶାଳାଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସଭାପତି ମିତବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରକୁ ତରଭା ଡାକ୍ତରଖାନାର ଡ. କ୍ଷୀରୋଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ, ରାଜେଶ କୁମାର ମେହେର, ମହାନଦୀ ନେତ୍ର ଚିକିତ୍ସାଳୟର ନବ କୁମାର ସାହୁ, ସାଇ ଟ୍ରଷ୍ଟର ଭୋଲା କୁମାର ବର୍ମା ଯୋଗ ଦେଇଥିଲେ। ସୁଧୀର କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ମୋଟ ୧୫୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୨ ଜଣଙ୍କ ଅସ୍ତ୍ରୋପଚାରର ଆବଶ୍ୟକତା ରହିଥିବା ଜଣାଯାଇଛି। ଏହି ୮୨ ଜଣଙ୍କ ମଧ୍ୟରୁ ପ୍ରାୟ ୬୦ ଜଣଙ୍କ ଅସ୍ତ୍ରୋପଚାର ପାଇଁ ବସ ଯୋଗ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଥିଲା।

### ଆଲୋକ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ତରଭା,୨୦।୧(ଡି.ଏନ.ଏ.):** ତରଭାର ଜଣେ ବ୍ୟାଡ଼ମିଣ୍ଟନ ଖେଳାଳି ସ୍ୱର୍ଗତ ଆଲୋକ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତରଭା ଷ୍ଟେଟବ୍ୟାଙ୍କ ସମ୍ମୁଖ ଝାଙ୍ଝରିଆ ରାଇସ ମିଲ ପ୍ରାଙ୍ଗଣରେ ସପ୍ତମ ଆଲୋକ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର ଏଡିଏମ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ତିନିଦିନିଆ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆଲୋକ ମେମୋରିଆଲର ସଭାପତି ସୁନିଲ ଝାଙ୍ଝରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇଆଇସି ସୁବ୍ରତ ପାଣିଗ୍ରାହୀ, ସ୍ୱର୍ଗତ ଆଲୋକଙ୍କ ପିତା ଦିଲୀପ ସାହୁ, ଅଶୋକ ସାହୁ,ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ,ସୁବାଷ ସେଠୀ, ଆକାଶ ସାହୁ, ମଧୁସୂଦନ ପାଣ୍ଡେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ କଲେଜ ପିଇଟି ସଞ୍ଜୀବ ସାହୁ। ଏହି ଟୁର୍ନାମେଣ୍ଟରେ ୩୨ଟି ଗ୍ରୁପ ଯୋଗ ଦେଇଛନ୍ତି। ୨୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ମହିଳା ଆତ୍ମରକ୍ଷା ତାଲିମ ଉଦ୍‌ଯାପିତ

**ଖଡ଼ିଆଲ,୨୦।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ପଲ୍ଲୀ ପ୍ରଗତି ଉଚ୍ଚ ବିଦ୍ୟାଳୟରେ ମହିଳା ଆତ୍ମା ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ୭ ଦିନ ଧରି ଚାଲିଥିବା ବେଳେ ୧୩୧ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ତାଲିମ ପ୍ରଦାନ କରିଥିଲେ ଲିଲିମା ବାରିକ ଆତ୍ମରକ୍ଷା କୌଶଳ ଓ ତାର ପ୍ରୟୋଗ ଉପରେ ଗୋଟି ଗୋଟି କରି ତାଲିମ ପ୍ରଦାନ କରିଥିଲେ।

# କ୍ୱାକ୍‌ଙ୍କ ହାତରେ ସ୍ୱାସ୍ଥ୍ୟସେବା

**ସୋନପୁର,୨୦।୧(ନି.ପ୍ର.)**

**ଲୋକଙ୍କ ଜୀବନ ସହ ଚାଲିଛି ଖେଳ**

ସୁବର୍ଣ୍ଣପୁର ଜିଲାରେ ଉପଯୁକ୍ତ ଡିଗ୍ରୀ ବା ଶିକ୍ଷାଗତ ଯୋଗ୍ୟତା ନ ଥିବା ବ୍ୟକ୍ତି ଡାକ୍ତର ଭାବେ ରୋଗୀ ସେବା କରୁଛନ୍ତି। ଏହି ଦରପାଠୁଆ ଡାକ୍ତର ବା କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଢ଼ିଚାଲିଛି। କେତେଜଣ ବ୍ୟକ୍ତି କ୍ଲିନିକ୍ ଖୋଲି ବେପାର ଚଳାଇଥିବା ବେଳେ ଅନ୍ୟ କେତେଜଣ ଗାଁ ଗାଁ ବୁଲି ଚିକିତ୍ସା କରୁଛନ୍ତି। ଫଳରେ ଅନେକ ଲୋକଙ୍କ ଜୀବନ ଯାଉଛି। ହେଲେ ଏଥିପ୍ରତି ପ୍ରଶାସନର ନିଘା ନାହିଁ। ଅନ୍ୟପକ୍ଷେ କ୍ୱାକ୍‌ମାନେ ଚିକିତ୍ସା କରି ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି।

ସରକାର ସ୍ୱାସ୍ଥ୍ୟ ସେବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଡିଣ୍ଡିମ ପିଟୁଛନ୍ତି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ଜିଲାର ସ୍ୱାସ୍ଥ୍ୟସେବା କ୍ୱାକ୍‌ମାନଙ୍କ ହାତରେ ରହିଥିବା ଦେଖିବାକୁ ମିଳୁଛି। ଜିଲାରେ କ୍ୱାକ୍‌ମାନେ ରେଜିଷ୍ଟର୍ଡ ମେଡିକାଲ ପ୍ରାକ୍ଟିସନର(ଆର୍‌ଏମ୍‌ପି) ସାର୍ଟିଫିକେଟ୍ ଝୁଲାଇ କ୍ଲିନିକ୍ ଖୋଲିଛନ୍ତି । ପୁଣି କେତେଜଣ ବ୍ୟକ୍ତିଙ୍କ ପାଖରେ ଅନ୍ୟ ରାଜ୍ୟର ଅଲଟରନେଟିଭ୍ ମେଡିସିନର ପ୍ରାକ୍ଟିସନର ସାର୍ଟିଫିକେଟ ରହିଛି। କିଛି କ୍ଲିନିକ୍‌ରେ ବିନା ଅସ୍ତ୍ରୋପଚାରରେ ଅର୍ଶ, ମଳକଣ୍ଟକ, ହାଇଡ୍ରୋସିଲ୍‌ର ଚିକିତ୍ସା କରାଯାଉଥିବା ବଡ ବଡ ଅକ୍ଷରରେ ସାଇନବୋର୍ଡ ମରାଯାଇଛି। ଆୟୁର୍ବେଦିକ ପଦ୍ଧତିରେ ଚିକିତ୍ସା ହେଉଥିବା ଲେଖା ଥିବା ବେଳେ ଏଲୋପ୍ୟାଥି ଔଷଧରେ ଚିକିତ୍ସା ଚାଲିଛି। ବେଆଇନ ଭାବେ ଲକ୍ଷାଧିକ ଟଙ୍କାର ଔଷଧ ଏମାନଙ୍କ ପାଖରେ ଗଚ୍ଛିତ ରହୁଛି। ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ବୀରମହାରାଜପୁର, ତରଭା, ଉଲୁଣ୍ଡା, ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ କ୍ୱାକ୍‌ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଅନେକ କ୍ୱାକ୍ ସୁଦୂର କଲିକତା, ମୁମ୍ବାଇ ଆଦି ସ୍ଥାନରୁ ଆସି ରୋଗୀ ଚିକିତ୍ସା କରୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଫଳରେ ସେମାନେ ଏଭଳି ବେଆଇନ କାର୍ଯ୍ୟକୁ ଆହୁରି ବଢ଼ାଇ ନିରୀହ ଜନସାଧାରଣଙ୍କ ଠାରୁ ଟଙ୍କା ଲୁଟି ନେଉଥିବା ଦେଖାଯାଉଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା ଯେ, ଗ୍ରାମାଞ୍ଚଳରେ ନିରୀହ ଲୋକଙ୍କୁ ଠକୁଥିବା କ୍ୱାକ୍‌ମାନେ କିଛି ଅନାମଧେୟ କମ୍ପାନୀର ଔଷଧ ଆଣି ଚଢ଼ା ଦରରେ ରୋଗୀମାନଙ୍କୁ ଦେଉଥିବା ଦେଖାଯାଉଛି। ତେବେ ଡ୍ରଗ୍ସ ଲାଇସେନ୍ସ ନ ଥାଇ ଏସବୁ ଔଷଧ ଗ୍ରାମାଞ୍ଚଳର କ୍ୱାକ୍‌ମାନଙ୍କ ପାଖକୁ କିପରି ଓ କାହାଠାରୁ ଯାଉଛି ତାହା ତଦନ୍ତ ସାପେକ୍ଷ। ଅନେକ କ୍ୱାକ୍ ସେମାନଙ୍କ ନିଜ ଘରେ ମିନି ଡାକ୍ତରଖାନା ଖୋଲି ରୋଗୀମାନଙ୍କୁ ଔଷଧ ସାଙ୍ଗକୁ ସାଲାଇନ୍ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି। ଏପରିକି ଏହି ସବୁ କ୍ୱାକ୍‌ମାନେ ବେଆଇନ ଗର୍ଭପାତ କରିବା ସହ ଗ୍ରାମାଞ୍ଚଳର ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରୁଛନ୍ତି। ଏହାଦ୍ୱାରା ବିଭିନ୍ନ ସମୟରେ ସେମାନେ ମୃତ୍ୟୁବରଣ କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ ସରକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସବୁ ଗ୍ରାମରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଆଦି ନିଯୁକ୍ତି ଦେଉଛନ୍ତି। ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟ କାନ୍ଥରେ ସଚେତନତା ବାର୍ତ୍ତା ଦିଆଯାଉଛି। ହେଲେ ଏହିସବୁ କର୍ମଚାରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କ୍ୱାକ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଥିବାରୁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆତ୍ମବଳ ହିଁ ଆତ୍ମରକ୍ଷା ପ୍ରଦାନକରେ



ମାଷ୍ଟର ଟ୍ରେନର ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରୁଛନ୍ତି।

**ସୋନପୁର,୨୦।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଚାରଭଟା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୮ ଦିନ ଧରି ଚାଲିଥିବା ଆତ୍ମ ରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୧ ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ମାମି ଘିବଲା ଓ ଯଶୋବନ୍ତି ନାଗ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁସଲମିନ୍ ମହମ୍ମଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଅଧ୍ୟକ୍ଷ ବୁଝାଇବା ସହ ଆତ୍ମ ବଳ ହିଁ ଆତ୍ମସୁରକ୍ଷା ପ୍ରଦାନ କରିଥାଏ ବୋଲି କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଜିଲା ନୋଡାଲ ଅଫିସର ଡ. କିରଣବାଳା ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ସଂଯୋଜକ ମଧୁସୂଦନ ପୂଜାରୀ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ପ୍ରମିଳା ପଣ୍ଡା ବର୍ତ୍ତମାନର ସମାଜରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ପ୍ରଦୀପ ପୂଝାରୀ ସଭା ସଂଯୋଜନା କରିଥିଲା ବେଳେ ତାରାଶଙ୍କର ଗୁରୁ ଧନ୍ୟବାଦ ପ୍ରଦାନ କରିଥିଲେ। ଚନ୍ଦ୍ରମା ମିଶ୍ର ଓ ଭରତ ଭୂଷଣ ବିଶ୍ୱାଳ ଶିବିର ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷା ଓ ଅଣ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ବୌଦ୍ଧକୁ ହରାଇ ଝାରସୁଗୁଡ଼ା ଫାଇନାଲରେ



ପରଗଲପୁର କପ୍ ଫୁଟବଲ ପ୍ରତିଯୋଗିତାର ଅତିଥି ଓ ଖେଳାଳି।

**ବୌଦ୍ଧ,୨୦।୧(ସ୍ୱ.ପ୍ର)**

**ପଞ୍ଚମ ରାଜ୍ୟସ୍ତରୀୟ ପରଗଲପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପରଗଲପୁର ତସରା ଖେଳପଡିଆରେ ବୁଦ୍ଧ ଦେବ କ୍ଲବ ଆନୁକୁଲ୍ୟରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ ପରଗଲପୁର କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଥିଲା ପ୍ରଥମ ସେମିଫାଇନାଲ ଖେଳ। ପ୍ରଥମ ସେମିଫାଇନାଲ ଖେଳ ଜୟଦୁର୍ଗା କ୍ଲବ ଝାରସୁଗୁଡା ଓ ବୌଦ୍ଧ ଜିଏମସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତାକର୍ଷକ ହୋଇଥିବାବେଳେ ଖେଳର ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଝାରସୁଗୁଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ତିଲେଶ୍ୱର ସରପଞ୍ଚ ଝୁନୁ ବେହେରା, ପ୍ରତିଭା ସାହୁ, ପରଗଲପୁର ଗ୍ରାମ୍ୟ କମିଟି ସଭାପତି ବସୁଦେବ ପ୍ରଧାନ, ନରେଶ ସେଠୀ, ସୁଜିତ କର୍ଣ୍ଣ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଏପି ସାହୁ, ସୁଜିତ ରାଜହଂସ,ପ୍ରତାପ ପ୍ରଧାନ ପରିଚାଳନା କରିଥିବାବେଳେ ଚତୁର୍ଥ ରେଫରି ଭାବେ ରଜତ ଖାରି କାର୍ଯ୍ୟ ତୁଲାଇଥିଲେ। ଏହି ଖେଳ ବୁଦ୍ଧଦେବ କ୍ଲବର ସ୍ୱାଧୀନ ଦୀପ, ନଗେନ ଦୀପ, ଜୟନ୍ତ ଖମାରୀ, ଟୁକୁନ ସେଠୀ ଓ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ହେଉଛି। ଶନିବାର ଟୁର୍ନାମେଣ୍ଟର ବି ଗ୍ରୁପ ଖେଳ ଖୋର୍ଦ୍ଧା ଏମବିବି ଓ କରମଚାନ୍ଦ ଫୁଟବଲ କ୍ଲବ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ।

## ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଯୋଗ ପ୍ରଶିକ୍ଷଣ

**ସୋନପୁର,୨୦।୧(ନି.ପ୍ର.)**

ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସକାଶେ ଯୋଗ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗପୀଠ ହରିଦ୍ୱାରର ଆଜୀବନ ସଦସ୍ୟ ଗୋରେଖନାଥ ସାହୁ ଛାତ୍ରୀଛାତ୍ରଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ବ୍ୟକ୍ତିତ୍ୱର ବିକାଶରେ ଏକାଗ୍ରତା ସାଧନାର ମାହାତ୍ମ୍ୟ ସମ୍ପର୍କରେ ସାହୁ ଆଲୋକପାତ କରିବା ସହ ବୈଜ୍ଞାନିକ ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅଷ୍ଟାଙ୍ଗ ଯୋଗ ସାଧନା କିପରି ଉଚ୍ଚତର ମାନବ ସୃଷ୍ଟିରେ ସାହାଯ୍ୟ କରେ ସେ ନେଇ ସାହୁ ବୁଝାଇଥିଲେ। ଉତ୍ତମ ଚରିତ୍ର ସକାଶେ ମହାରାଜା ଉଚ୍ଚ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଚନ୍ଦନ ମେହେର ଓ ସୁନ୍ଦର ହସ୍ତାକ୍ଷର ସକାଶେ ପ୍ରଥମ ଶ୍ରେଣୀର ଛାତ୍ର ଶୌର୍ଯ୍ୟ ସାହୁଙ୍କୁ ପୁରସ୍କୃତ କରା ଯାଇଥିଲା। ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘର ଯୁଗ୍ମ କୋଷାଧ୍ୟକ୍ଷ ଦିଲୀପ କୁମାର ରଥ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଖାତା ଓ କଲମ ପ୍ରଦାନ କରା ଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ ରଞ୍ଜନ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ତୃପ୍ତିକା ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି,୨୦।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟ ସେମିନାର ହଲଠାରେ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ତମାଖୁ ବର୍ଜନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ସରୋଜ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡ଼. ରମେଶ ଚନ୍ଦ୍ର ସ୍ୱାଇଁ, ଆସିଷ୍ଟାଣ୍ଟ ମ୍ୟାନେଜର ଗୀତାଞ୍ଜଳି ମେହେର ଭିଡିଓ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ତମାଖୁ ସେବନର କୁପରିଣାମ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ କ୍ୱିଜ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା । ପିଙ୍କି ସାହୁ ପ୍ରଥମ, ନିହାରିକା ସାହୁ ଦ୍ୱିତୀୟ ଓ ମହେନ୍ଦ୍ର ଭୋରସଗାର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ସୁଭାଷ ଚନ୍ଦ୍ର ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଯୋଗେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିଥି ଓ ଅନ୍ୟମାନେ।

**ବାଉଁଶୁଣୀ,୨୦।୧(ଡି.ଏନ.ଏ.)**

**ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର**

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଉଦ୍ଦେଶ୍ୟରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସଭା ସ୍ଥଳକୁ ପାଛୋଟି ଆଣିଥିଲେ। ଏହି ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ସଭାରେ ଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଳିକ, ସମ୍ମାନିତ ଅତିଥି ଭାବେ ଅଁଳାପାଲି ସରପଞ୍ଚ ଅଜିତ ମେହେର ଓ ବିଦ୍ୟାଳୟର ସମସ୍ତ ଓ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଆଗାମୀ ଦିନରେ ଥିବା ପରୀକ୍ଷା ତଥା ଜୀବନ ପାଇଁ ପ୍ରସ୍ତୁତ ହେବା ପାଇଁ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ।

## ତହସିଲ କାର୍ଯ୍ୟାଳୟ ଘେରିଲେ ହୀରାପାଲି ଗ୍ରାମବାସୀ

**ଅମରପାଲି,୨୦।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧୀନ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ହିରାପାଲି ଗାଁରେ ଗୋଚର ଜମି ଜବରଦଖଲକୁ ବିରୋଧ କରି ଗ୍ରାମବାସୀ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ଘେରିଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ୫୫୦ ଡିସିମିଲ ପରିମିତ ଗୋଚର ଜମିକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ଘର ଓ ପାଚେରି ନିର୍ମାଣ କରୁଥିବାରୁ ଗ୍ରାମବାସୀ ବାରମ୍ବାର ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ତହସିଲ ତରଫରୁ ଜବରଦଖଲ ଉଚ୍ଛେଦ କରାଯିବା ନେଇ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରଶାସନ ତରଫ ରୁ ଏକ ନୋଟିସ ବ୍ୟତୀତ ଆଉ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ଗ୍ରାମବାସୀ ଶୁକ୍ରବାର ତହସିଲ କାର୍ଯ୍ୟାଳୟକୁ ଘେରିଥିଲେ। ଏନେଇ ବୀରମହାରାଜପୁର ତହସିଲଦାର ବିବୁଧ ଗଣନାୟକ ଆସନ୍ତା ୪ ତାରିଖ ଦିନ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଯଦି ଦାବି ପୂରଣ ନ ହୁଏ ତେବେ ୫ ତାରିଖରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଇନ୍‌ଟ୍ରା କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ: ଜେବିସି ବିଜୟୀ

**ବାଉଁଶୁଣୀ, ୨୦।୧(ଡି.ଏନ.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲା କ୍ରିକେଟ ଆସୋସିଏସନ ବୌଦ୍ଧ ଆନୁକୂଲ୍ୟରେ ବାଉଁଶୁଣୀ ହାଇସ୍କୁଲ ପଡିଆରେ ଚାଲୁଥିବା ଇନଟ୍ରାକ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ନବମ ଦିନରେ ପ୍ରଗତି କ୍ଲବ କନ୍ଧମାଳ ଓ ଜୟ ଭୈରବୀ କ୍ଲବ (ଜେବିସି) ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଗତି କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଦେବାଶିଷ ସାହୁ ୩୯ ବଲରୁ ୩୮ ରନ, ଶ୍ରବଣ ଦେହୁରୀ ୨୫ ବଲରୁ ୨୧ ରନ ସଂଗ୍ରହ କରିଥିଲେ। ଜୟ ଭୈରବୀ କ୍ଲବର ସୌମ୍ୟରଞ୍ଜନ ସାହୁ ଓ ରତିକାନ୍ତ ପ୍ରଧାନ ଉଭୟେ ୪ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସରେ ଜୟ ଭୈରବୀ କ୍ଲବ ଧୂଆଁଧାର ବ୍ୟାଟିଂ କରି ୨୬ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିପାରିଥିଲା। ଫଳରେ ଜୟ ଭୈରବୀ କ୍ଲବ ୩ ଉଇକେଟରେ ବିଜୟୀ ହୋଇଥିଲା। ଦଳ ତରଫରୁ ସୌମ୍ୟରଞ୍ଜନ ଦାନୀ ୫୨ ବଲ୍‌ରୁ ୫୭ ରନ ଓ ରତିକାନ୍ତ ପ୍ରଧାନ ୪୩ ବଲରୁ ୩୮ ରନ କରିଥିଲେ। ପ୍ରଗତି କନ୍ଧମାଳର ପ୍ରଶାନ୍ତ ବିଶ୍ୱାଳ ଓ ଖାନାପୁରୀ ମେହେର ଉଭୟେ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚରେ ଅମ୍ପାୟାର ଭାବେ ଅମରେଶ ପ୍ରଧାନ ଓ ଆଶୁତୋଷ ଦାଶ ଖେଳକୁ ପରିଚାଳନା କରିଥିବାବେଳେ ଓସିଏ ସ୍କୋରର ଭାବେ ଦିନେଶ ଘିବେଲା କାର୍ଯ୍ୟ ତୁଲାଇଥିଲେ। ଶନିବାର ଜେବିସି ଓ ବିସିପି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।




କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

## ସଫଳତା ପାଇବା ପାଇଁ ସ୍ୱପ୍ନ ଦେଖିବା ଜରୁରୀ




ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଅମରପାଲି,୨୦।୧(ଡି.ଏନ.ଏ.)**

ଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ଛାତ୍ରୀମାନେ ସଫଳତା ପାଇବା ପାଇଁ ସ୍ୱପ୍ନ ଦେଖିବା ଜରୁରୀ। ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ସଫଳତା ପାଇବା ପାଇଁ ଚେଷ୍ଟା କରିଥାଏ। ବୀରମହାରାଜପୁରସ୍ଥିତ ପଞ୍ଚାୟତ ସମିତି ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱାଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏହି ମତ ପ୍ରକାଶ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର କଲେଜର ଇଂରାଜୀ ଅଧ୍ୟାପକ ବିଜୟ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପରିଶ୍ରମ କରି ନିଜର ଅନ୍ତଃର୍ନିହିତ ଗୁଣ ପରିପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ,ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା,ଉପାଧ୍ୟକ୍ଷ ନାରାୟଣ ଲୁହା,ହିଲୁଙ୍ଗ ସରପଞ୍ଚ ବନିତା ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ହୋତା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନମିତା ଡାଙ୍ଗ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଆକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏସ.ଏସ .ପ୍ରିୟଦର୍ଶିନୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱରୂପା ସାହୁଙ୍କୁ ଚଳିତବର୍ଷର ବେଷ୍ଟ ଷ୍ଟୁଡେଣ୍ଟ ,ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀ ଅଞ୍ଜଳୀ ସାହୁ, ଶ୍ରେଷ୍ଠ ଉପସ୍ଥାନ ପାଇଁ ପ୍ରଜ୍ଞା ମେହେର,ରାଜ୍ୟସ୍ତରୀୟ ଯୋଗାରେ ପୁରସ୍କୃତ ହୋଇଥିବା ବିଜୟିନୀ ଭୋଇଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ବିଶ୍ୱରୂପା ସାହୁଙ୍କ ସଂଯୋଜନାରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଲକ୍ଷ୍ମୀନାରାୟଣ ସାହୁଙ୍କ ରଚିତ ଏସ.ଏସ .ପ୍ରିୟଦର୍ଶିନୀଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ମୋର୍ ବାଇ କହିଛେ ମୋତେ ଛାତ୍ରୀମାନେ ପରିବେଷଣ କରିଥିଲେ।

# ସମ୍ବଲପୁରୀ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

## ଉତ୍ସବ ପ୍ରଧାନପାଟ-୨୦୨୩ ଉଦ୍‌ଘାଟିତ

ଦେବଗଡ଼, ୨୦।୧(ଡି.ଏନ୍.ଏ.)

ଓଡିଶାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ଦେବଗଡ ଜିଲାର ଗର୍ବ ଓ ଗୌରବ ପ୍ରଧାନପାଟ ଜଳପ୍ରପାତର ଅନତି ଦୂରରେ ଥିବା ବଡବଗିଚା ଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶୁକ୍ରବାର ଦେବଗଡ ଜିଲାର ସାଂସ୍କୃତିକ ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୩' ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ସମ୍ମାନିତ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଧାୟକ ପାଣିଗ୍ରାହୀ ପ୍ରଧାନପାଟ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ୫ ରୁ ୧୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ମନ୍ତ୍ରୀ ଢୋଲକିଆଙ୍କ ନିକଟରେ ଦାବୀ ଉପସ୍ଥାପନ କରିବାସହ ଏନେଇ ବ୍ୟୟ ଅଟକଳ ସହ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଇବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। କ୍ରମବର୍ଦ୍ଧିଷ୍ଣୁ ଜନ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚଳିତବର୍ଷ 'ଉତ୍ସବ ପ୍ରଧାନପାଟ-୨୦୨୩'କୁ ବଡବଗିଚା ଠାରେ ଆୟୋଜିତ କରାଯାଇଥିବା ଦର୍ଶାଇ ଏଥିପାଇଁ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟପକ୍ଷରେ ପ୍ରତ୍ୟେକବର୍ଷ ଏହି ଉତ୍ସବରେ ମନ୍ତ୍ରୀ ମାନେ ଯୋଗ ଦେଇ ପ୍ରତିଶୃତି ଦେଉଥିଲେ ହେଁ ପ୍ରଧାନପାଟ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଧ୍ୟାନ ଦେଉ ନ ଥିବା ପାଣିଗ୍ରାହୀ ଅଭିଯୋଗ କରିଥିଲେ। ମନ୍ତ୍ରୀ ଢୋଲକିଆ ପ୍ରଧାନପାଟ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ବିଧାୟକ ଦେଇଥିବା ପ୍ରସ୍ତାବର ଉତ୍ତରରେ କହିଥିଲେ ଯେ, ଏହି ପ୍ରସ୍ତାବ ଯଥାର୍ଥ ହୋଇଥିବାରୁ ସେ ନିଜ ସ୍ଥରରେ ଉଦ୍ୟମ କରିବାସହ ଇକୋ ଟୁରିଜିମ ଓ ଟୁରିଜିମ ବିଭାଗକୁ ପ୍ରସ୍ତାବ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଦେବଗଡ ମାଟି କଳା ଓ ସଂସ୍କୃତିର ଗନ୍ତାଘର ବୋଲି ମତବ୍ୟକ୍ତ କରିବା ସହ ଦେବଗଡ ଜିଲାରେ ଏତେବଡ ଆୟୋଜନ କରିଥିବାରୁ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲାପାଳ ସାମଲ ଅତିଥି ମାନଙ୍କୁ ଉପଢୌକନ ଓ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସଭା ପ୍ରାରମ୍ଭରେ ହୃଦାନନ୍ଦ ପ୍ରଧାନ ଓ ସାଥୀଙ୍କ ନେତୃତ୍ୱରେ 'ସୁର ସଙ୍ଗମ'ଅନୁଷ୍ଠାନ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା । ସଭା ପ୍ରାରମ୍ଭରେ ଜିଲାପାଳ ଉପାଧ୍ୟାୟ ତାଙ୍କର ଅଭିଭାଷଣରେ ଜିଲାବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସୁନାମଧନ୍ୟ ନୃତ୍ୟଶିଳ୍ପୀ ଡକ୍ଟର ଶାଶ୍ୱତ ଯୋଶୀ ଓ ସାଥୀଙ୍କ ଦ୍ୱାରା ଉଚ୍ଚକୋଟୀର ଓଡିଶୀ ନୃତ୍ୟ ଏବଂ ସର୍ବେଶ୍ୱର ଭୋଇ ଏବଂ ସାଥୀଙ୍କ ଦ୍ୱାରା ଆକର୍ଷଣୀୟ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବହୁ ସୁନାମଧନ୍ୟ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ ଲୋକ ନୃତ୍ୟ, ଭଦ୍ରକର ମୋଗଲ ତାମସା ଓ ଭୁବନେଶ୍ୱରର ଫ୍ୟୁଜନ ଡ୍ୟାନ୍ସ ଗ୍ରୁପ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବ ଅବସରରେ ଶୁକ୍ରବାର ଓରମାସ ପକ୍ଷରୁ ଆକର୍ଷଣୀୟ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେଉଥିବା ବେଳେ ଜିଲାସ୍ତରୀୟ କୃଷିମେଳା ଓ ଉନ୍ନୟନ ପ୍ରଦର୍ଶନୀ ମଧ୍ୟ ଦର୍ଶକ ଏବଂ ଜଣସାଧାରଣଙ୍କ ନିମନ୍ତେ ବେଶ ଉପଭୋଗ୍ୟ ହୋଇଥିଲା ।


ଶାଶ୍ୱତ ଯୋଶୀ ଓ ସାଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଦେବଗଡ଼ରେ ସାଂସ୍କୃତିକ ଶୋଭାଯାତ୍ରା


ସାଂସ୍କୃତିକ ଶୋଭାଯାତ୍ରା ଦେବଗଡ଼ ସହର ପରିକ୍ରମା କରୁଛି।

ଦେବଗଡ଼, ୨୦।୧(ଡି.ଏନ୍.ଏ.)

ଶୁକ୍ରବାର ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଜିଲାର ସାଂସ୍କୃତିକ ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୩' ଉଦ୍‌ଘାଟିତ ହୋଇଥିବା ବେଳେ ଅପରାହ୍ନରେ ଏକ ସାଂସ୍କୃତିକ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ମା' କନକ ଦୁର୍ଗା ମନ୍ଦିରରେ ଦେବଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ କଲେକ୍ଟର କୈବଲ୍ୟ କିଶୋର କର ଓ ଏସ୍‌ଡିପିଓ ଅନିଲ କୁମାର ବେଉରିଆଙ୍କ ଉପସ୍ଥିତିରେ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକ ସମେତ ଦେବଗଡ ପୌର ପରିଷଦରୁ ଆସିଥିବା ମଶାଲ ସମେତ ଜିଲା ସଂସ୍କୃତି ପରିଷଦ ଦ୍ୱାରା ପ୍ରସ୍ତୁତ ମଶାଲକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ଜିଲାର ପୁରପଲ୍ଲୀରୁ ଆସିଥିବା ନୃତ୍ୟଦଳ, ସଂକୀର୍ତ୍ତନ ଦଳ, ଲଉଡି ଦଳ ଆଦି ବିଭିନ୍ନ ସାଂସ୍କୃତିକ ଦଳ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ସରକାରୀ ଅଧିକାରୀ ଓ କର୍ମଚାରୀ, ରାଜନୈତିକ ଦଳର ନେତା ନେତ୍ରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାକୁ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ସହକାରୀ କଲେକ୍ଟର କୈବଲ୍ୟ କିଶୋର କର ପ୍ରମୁଖ ମଶାଲ ଧରି ଶୋଭାଯାତ୍ରାରେ ସାମିଲ ହେବା ସହ ଅଧିଷ୍ଠାତ୍ରୀ ମା' ପ୍ରଧାନପାଟେଶ୍ୱରୀଙ୍କ ପୀଠରେ ପହଞ୍ଚି ଥିଲେ । ତା ପରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସେଠାରେ ମଶାଲଗୁଡିକର ଶିଖାକୁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରସ୍ତୁତ ମୁଖ୍ୟ ମଶାଲରେ ସଂଯୋଗ କରାଯାଇ ପୂଜାର୍ଚ୍ଚନା କରିବା ପରେ ବଡବଗିଚା ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଉକ୍ତ ମଶାଲକୁ ସ୍ଥାପନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ରିଆମାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ତିଲେଇଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ ,ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟନାରାୟଣ ପାଣି ଓ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକଙ୍କ ସମେତ ଉତ୍ସବ ପ୍ରଧାନପାଟ ଶୋଭାଯାତ୍ରା ସବ କମିଟିର ସଦସ୍ୟ ସିଦ୍ଧାର୍ଥ ଗୁରୁ, ପ୍ରଫୁଲ୍ଲ କୁମାର ନାୟକ, ଶଶାଙ୍କ ଶେଖର ଝାଙ୍କର, ଟିକେଶ୍ୱର ଗୁରୁ ଓ ଶୁକଦେବ ଭଞ୍ଜଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଆର୍‌ଏସ୍‌ପି ମହିଳା କର୍ମଚାରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

**ରାଉରକେଲା ଅଫିସ,୨୦।୧:** ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ ପାଇଁ ଦ୍ୱିଦିବସୀୟ କାର୍ଯ୍ୟକ୍ରମ ଦୁର୍ଗା କାରଖାନା ସ୍ଥିତ ସିପିଟିଆଇ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଏଚ୍. ପତି ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜରେ ମହିଳାଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ କଳା ବିଶେଷଜ୍ଞ ଡଃ ହରିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମହିଳା ଆତ୍ମରକ୍ଷା କୋର୍ସର ତାଲିମ ନେଇଥିଲେ ଇସ୍ପାତ କାରଖାନାର ମହିଳା କର୍ମଚାରୀମାନେ। ରାଉରକେଲା ଉତ୍କଳ କରାଟେ ସ୍କୁଲ ଶାଖା ପ୍ରଶିକ୍ଷକ ତଥା ରିଆକ୍ଟ ଆତ୍ମରକ୍ଷା ଏକ୍ସପର୍ଟ ଟ୍ରେନର ରାଜୀବ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକ୍ସପର୍ଟ ଟ୍ରେନର ଅଭିଷେକ ପଟ୍ଟନାୟକ ଏବଂ ରଞ୍ଜନ ପାତ୍ର ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷଣପ୍ରାପ୍ତ ମହିଳାମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏଚ୍‌ଆରଡି ବିଭାଗର ବରିଷ୍ଠ ପ୍ରବନ୍ଧକ ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସିପିଟିଆଇର ସିନିୟର ଇନ୍‌ଷ୍ଟ୍ରକଟର ବି. କେ. ପାତ୍ର କାର୍ଯ୍ୟକ୍ରମ ସଂଯୋଜନ କରିଥିଲେ।

### ଧାନ ଟୋକନ ଦାବିରେ ଉପଜିଲାପାଳଙ୍କଠାରେ ଅଭିଯୋଗ

**ଲହୁଣୀପଡ଼ା,୨୦।୧(ଡି.ଏନ.ଏ.):** ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ଲ୍ୟାମ୍ପସ ଅଧିନସ୍ଥ କେତେକ ଚାଷୀ ଧାନ ବିକ୍ରି ଟୋକନ ପାଇ ନାହାନ୍ତି। ଟୋକନ ଦାବିରେ ଚାଷୀମାନେ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଚାଷୀମାନେ ଠିକ ସମୟରେ ପଞ୍ଜୀକରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଧାନ ଟୋକନ ପାଇ ନ ଥିବାରୁ ଚିନ୍ତାଗ୍ରସ୍ତ ହୋଇ ପଡିଛନ୍ତି । ଠିକ ସମୟରେ ଧାନ ବିକ୍ରି ଟୋକନ ନ ପାଇଲେ ବେପାରୀଙ୍କଠାରେ ବିକ୍ରି କରିବାକୁ ବାଧ ହେବେ।

# କୁତ୍ରା ଅଞ୍ଚଳରେ ପରିବେଶ ହେଉଛି ଦୂଷିତ

## ରାଜ୍ୟ ରାଜପଥ କଡରେ ଅଳିଆ ଆବର୍ଜନା ପକାଉଛନ୍ତି ଦୋକାନୀ

କୁତ୍ରା, ୨୦।୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଦେଇ ଯାଇଥିବା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ କୁଢ଼କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇଛି। ଏହି ଦୃଶ୍ୟ ଦେଖିଲେ ସତେ ଯେମିତି ପରିବେଶ ପ୍ରଦୂଷଣ ସାଙ୍ଗକୁ ରୋଗ ବ୍ୟାପିବା ପାଇଁ ନିମନ୍ତ୍ରଣ କରୁଛି। ରାଜ୍ୟ ରାଜପଥ କଡରେ ଥିବା ଉଠା ଦୋକାନୀ ସାଙ୍ଗକୁ ସ୍ଥାନୀୟ ଦୋକାନୀମାନେ ଅଳିଆ ଆବର୍ଜନା ପକାଉଥିବା ଦେଖିବାକୁ ମିଳୁଛି। କେତେଜଣ ଦୋକାନୀ ଡ୍ରେନ ଭିତରେ ମଧ୍ୟ ଅଳିଆ ଭର୍ତ୍ତି କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଫଳରେ ପରିବେଶ ଦୂଷିତ ହେବା ସହ ଅସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରୁଛି। ଡ୍ରେନରେ ଅଳିଆ ପକାଇବା ଦ୍ୱାରା ଡ୍ରେନ ଜାମ ହୋଇ ବର୍ଷା ଦିନରେ ବର୍ଷା ପାଣି ଯାଇ ନ ପରି ରାଜ୍ୟ ରାଜପଥ ଉପରେ ପାଣି ଭର୍ତ୍ତି ହୋଇଥାଏ। ଦୀର୍ଘ ଦିନରୁ ବସଷ୍ଟାଣ୍ଡ ନିକଟବର୍ତ୍ତୀ ରାଜ୍ୟ ରାଜପଥକୁ ଲାଗି ରହିଥିବା ଏକ ଖୋଲା ସ୍ଥାନରେ ସ୍ଥାନୀୟ ଦୋକାନୀମାନେ ନିୟମିତ ଭାବେ ଅଳିଆ ଆବର୍ଜନା ପକାଇ ଆସୁଛନ୍ତି। ଟିକିଏ ପବନ ଆସିଲେ ଏହି ଅଳିଆ ରାଜ୍ୟ ରାଜପଥ ଉପରକୁ ଉଡି ଆସୁଥିବା ଦେଖିବାକୁ ମିଳୁଛି। ଏପରିକି ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ସରକାର ଏବଂ ପ୍ରଶାସନ ପରିବେଶ ସୁରକ୍ଷା ପାଇଁ ଏବଂ ଅଳିଆ ଆବର୍ଜନା ଉଠାଇ ଏହାର ରିସାଇକିଂନ ପାଇଁ ଯୋଜନା କରିଥିଲେ ମଧ୍ୟ ତାହା ଏଠାରେ ସୂଚାରୁରୂପେ କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଏଠାରେ ଉପୁଜୁଥିବା ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ରାଜପଥ କଡ଼ କୁଢ଼କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇଛି।

# ଶ୍ରୀସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସମ୍ମିଳନୀ

ବଡ଼ଗାଁ, ୨୦।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇ ପରିସରରେ ଶୁକ୍ରବାରଠାରୁ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ୪୭ତମ ରାଜ୍ୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲାରୁ ସଙ୍ଗଠନର ଜିଲା ସଭାପତିମାନଙ୍କ ସହିତ ଜିଲା ସଂଯୋଜକ, ସଂଯୋଜିକା, ଏବଂ ସମସ୍ତ ସମିତିର ଆବାହକ ଯୋଗଦେଇଛନ୍ତି। ସଙ୍ଗଠନର ରାଜ୍ୟ ସଭାପତି ଡକ୍ଟର ସତ୍ୟ ସ୍ୱରୂପ ପଟ୍ଟନାୟକ ଓ ଭାରତର ଆଞ୍ଚଳିକ ସଭାପତି ନାରାୟନ ପ୍ରସାଦ ସରଙ୍କ ସହିତ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଛନ୍ତି। ସକାଳୁ ପ୍ରଶାନ୍ତି ପତାକାକୁ ରାଜ୍ୟ ସଭାପତି ପଟ୍ଟନାୟକ ଉତ୍ତୋଳନ କଲାପରେ ପ୍ରଜ୍ଞା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହା ପରେ ତ୍ରୟୀ ରୁଦ୍ରମ ପାଠ ଓ ଭଜନ ହୋଇଥିଲା। ସଭାପତି ପଟ୍ଟନାୟକ ଶ୍ରୀସତ୍ୟସାଇ ବାବାଙ୍କ ସଭା ମଣ୍ଡପରେ ପହଞ୍ଚି ବାବାଙ୍କ ଆଶୀର୍ବାଦ ଭିକ୍ଷା କରିବା ପରେ କାର୍ଯ୍ୟକ୍ରମଗୁଡିକ ଶୁଭାରମ୍ଭ କରାଯାଇଥିଲା। ସେବା ବିଭାଗ, ଶିକ୍ଷା ବିଭାଗ, ଯୁବ ବିଭାଗ ଓ ଆଇଟି ବିଭାଗରେ ସଙ୍ଗଠନ କର୍ମକର୍ତ୍ତାମାନଙ୍କୁ ନେଇ ଆଲୋଚନା କାର୍ଯ୍ୟକ୍ରମ କରାଯାଉଛି। ସେବା ପ୍ରଦାନ ପାଇଁ ହଲେଷ୍ଟିକ, ସତ୍ୟସାଇ ପ୍ରକାଶନର ପୁସ୍ତକ ବିତରଣ, ହୋମିଓପାଥିକ ଓ ଆୟୁର୍ବେଦିକ ଚିକିତ୍ସା ମାଗଣାରେ ଦିଆଯାଉଛି। ୨୦୨୫ରେ ସତ୍ୟସାଇ ବାବାଙ୍କ ୧୦୦ ତମ ଜୟନ୍ତୀ ସମଗ୍ର ଓଡ଼ିଶାରେ ପାଳନ ପାଇଁ ଏହି ସମ୍ମିଳନୀରେ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ରବିବାର ସମ୍ମିଳନୀ ଉଦ୍‌ଯାପିତ ହେବ।

# ଭୁବନେଶ୍ୱରରୁ ଆସି ମ୍ୟାଚ ଦେଖିଲେ ଭିନ୍ନକ୍ଷମ ଛାତ୍ରୀଛାତ୍ର


ମ୍ୟାଚ ଦେଖିବାକୁ ଭିନ୍ନକ୍ଷମ ଛାତ୍ରୀଛାତ୍ର ରାଉରକେଲା ଆସିଛନ୍ତି।

ରାଉରକେଲା ଅଫିସ ୨୦।୧

ଭୁବନେଶ୍ୱରର ବିଭିନ୍ନ ଭିନ୍ନକ୍ଷମ ବିଦ୍ୟାଳୟରୁ ୧୬ ଜଣ ଛାତ୍ରୀଛାତ୍ର ଶୁକ୍ରବାର ରାଉରକେଲା ଆସି ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ୍ ମ୍ୟାଚ ଦେଖିଛନ୍ତି। ସେମାନେ ବିମାନ ଯୋଗେ ଆସି ଆସିଥିଲେ ଏବଂ ବେଶ୍ ଉତ୍ସାହିତ ଥିଲେ। ଏହି ସୁଯୋଗ ପାଇଥିବାରୁ ସେମାନେ ରାଜ୍ୟ ସରକାର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏଥିଲାଗି ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ତତ୍ତ୍ୱାବଧାନରେ ଏହି ଛାତ୍ରୀଛାତ୍ରମାନେ ଆସିଥିଲେ। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱତନ୍ତ୍ର ବସରେ ସେମାନଙ୍କୁ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ନିଆଯାଇଥିଲା। ଷ୍ଟାଡିୟମରେ ଯେପରି ସୁବିଧାରେ ମ୍ୟାଚ ଦେଖିପାରିବେ ସେଥିଲାଗି ଭିନ୍ନକ୍ଷମମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେମାନଙ୍କ ଲାଗି ସିଟ୍ ସଂରକ୍ଷିତ ଥିଲା। ବିମାନ ଯାତ୍ରା ସାଙ୍ଗକୁ ହକି ମ୍ୟାଚ ଦେଖା ସେମାନଙ୍କୁ ଆନନ୍ଦିତ କରିଥିଲା। ଭୁବନେଶ୍ୱରସ୍ଥିତ ଶ୍ରୀହର୍ଷ ମିଶ୍ର ମେମୋରିଆଲ ସ୍କୁଲ ଫର୍ ଦ ଏଚଆଇ, ଏସଆଇଇପି, ଜୁଏଲ୍ସ ଇଣ୍ଟରନ୍ୟାଶନାଲ ଚେତନା ଇନଷ୍ଟିଚ୍ୟୁଟ୍ ଫର ଇଣ୍ଟେଲେକଚୁଆଲ ଡିଜାବିଲିଟି ଏବଂ ଏନସିଏସସିଡିଏର ମୋଟ ୧୬ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକ ତଥା ସାମାଜିକ ସୁରକ୍ଷା ତଥା ସଶକ୍ତିକରଣ ବିଭାଗର ଅଧିକାରୀମାନେ ରାଉରକେଲା ଆସିଛନ୍ତି। ରାଉରକେଲାରେ ଏହି ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭୈରବ ସିଂ ପଟେଲ, ସୁନ୍ଦରଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ହାବଡ଼ାସିଂ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ୟାମସୁନ୍ଦର ମିଶ୍ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର

ସୁନ୍ଦରଗଡ଼, ୨୦।୧(ଡି.ଏନ.ଏ.)

ବରିଷ୍ଠ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଏଲ ଆର ତଥା ପ୍ରମୁଖ ସଚିବ ତାଙ୍କୁ ଏହି ପଦବୀରେ ନିଯୁକ୍ତି ପ୍ରଦାନ କରିଛନ୍ତି।

# ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ


ସବୁଜ ପତାକା ଦେଖାଇ ଭ୍ରାମ୍ୟମାଣ ଚିକିତ୍ସାଳୟକୁ ଶୁଭାରମ୍ଭ କରାଯାଉଛି।

ଦେବଗଡ଼, ୨୦।୧(ଡି.ଏନ୍.ଏ.)

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଦେବଗଡ଼ ଜିଲାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସହ ଭ୍ରାମ୍ୟମାଣ ଚିକିତ୍ସାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ ଆର୍ଥିକ ଅଧିକାରୀ ସତୀଶ କୁମାରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବୀକା ବିଲୁଙ୍ଗ, ଚିଫ୍ ଅପରେସନ ବିଭାଗର ସୁମିତ ଘୋଷ, କର୍ପୋରେଟ କମ୍ୟୁନିକେସନ ମୁଖ୍ୟ ବିଜୟ ପଟ୍ଟନାୟକ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶ ମଞ୍ଚାସୀନ ରହିଥିଲେ। ଏହି ଅବସରରେ କମ୍ପାନୀ ଅଧିକାରୀମାନେ ଟାଟା ପାୱାର ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କମ୍ପାନୀ ପକ୍ଷରୁ ଦେବଗଡ଼ ଜିଲାରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଲୋକାର୍ପିତ କରାଯାଇଛି। ସଭା ପରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ବିଲୁଙ୍ଗ ସବୁଜ ପତାକା ଦେଖାଇ ଭ୍ରାମ୍ୟମାଣ ଚିକିତ୍ସାଳୟକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟିପିଡବ୍ଲ୍ୟୁଓଡିର ଦେବଗଡ଼ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଭାଜପା କିରେଇ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ସୁନ୍ଦରଗଡ଼, ୨୦।୧(ଡି.ଏନ.ଏ.)

ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ଅନ୍ତର୍ଗତ କିରେଇ ମଣ୍ଡଳ ପକ୍ଷରୁ କଇଁତରାଠାରେ ମଣ୍ଡଳ ସଭାପତି ପ୍ରଦୀପ ଚୌଧୁରୀଙ୍କ ସଭାପତିତ୍ୱରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ, ବ୍ଲକ ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ, ଜିଲା ଉପସଭାନେତ୍ରୀ ଆରତୀ ପଟେଲ, ପ୍ରବୀଣ ନାଏକ, ଏସସି ମୋର୍ଚ୍ଚା ସଭାପତି ସିମେଶ୍ୱର ଲରିଆ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଦାମ ହୋତା, ଭୋଳାନାଥ ପଟେଲ, କିରେଇ ମଣ୍ଡଳ ପ୍ରଭାରୀ ସଞ୍ଜୀବ ପଟେଲ, ଲେଫ୍ରିପଡ଼ା ମଣ୍ଡଳ ପ୍ରଭାରୀ ସଚ୍ଚିଦାନନ୍ଦ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସୁନ୍ଦରଗଡ଼ ବିଧାୟିକା ଟେଟେ ସଙ୍ଗଠନକୁ ବୁଥ ସ୍ତରରେ ଆହୁରି ଶକ୍ତିଶାଳୀ ରଖିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବରେ ଭାଜପାରର ନୀତି ଆଦର୍ଶ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ କିଞ୍ଜିମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଳିନ୍ଦ୍ର କିଷାନ, ବିର୍ଜା ବେର୍ଣ୍ଣା ଗ୍ରାମର ସକ୍ରିୟ କଂଗ୍ରେସ ନେତା ମନୋଜ ସନାନୀଙ୍କ ସମେତ ବାରଗାଡ଼ ଗ୍ରାମପଞ୍ଚାୟତର ୧୫ ଜଣରୁ ଊର୍ଦ୍ଧ୍ୱ ବିଜେଡ଼ି ଓ କଂଗ୍ରେସ ଦଳର କାର୍ଯ୍ୟକର୍ତ୍ତା ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ଏହି ବୈଠକରେ ମସନିକାନୀ ସମିତି ସଭ୍ୟ ମହାଦେବ ମୁଣ୍ଡା, ଦିଉଳି ସମିତି ସଭ୍ୟ ପ୍ରବୀଣ ମୁଣ୍ଡା, କିଞ୍ଜିର୍ମା ସମିତି ସଭ୍ୟା ରଶ୍ମିତା କଚ୍ଛୁ, କୁଣ୍ଡୁକେଲା ସରପଞ୍ଚ ଉର୍ବଶୀ ସାଙ୍କ ସମେତ ମଣ୍ଡଳ ପଦାଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।


ଭାଜପା ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ପ୍ରଧାନପାଟ ଉତ୍ସବରେ ଅତିଥି ଚୟନକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅସନ୍ତୋଷ

## ଜିଲାପାଳଙ୍କୁ ସ୍ମାରକପତ୍ର

ଦେବଗଡ଼, ୨୦।୧(ଡି.ଏନ୍.ଏ.)

ପ୍ରଧାନପାଟସ୍ଥିତ ବଡ଼ବଗିଚାଠାରେ ଜାନୁୟାରୀ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଉତ୍ସବ ପ୍ରଧାନପାଟ ଅନୁଷ୍ଠିତ ହେଉଛି। ତେବେ ପ୍ରଧାନପାଟ ଉତ୍ସବରେ ଅତିଥି ଚୟନକୁ ନେଇ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କର ଅଭିଯୋଗ ଅନୁଯାୟୀ, ଉତ୍ସବ ପ୍ରଧାନପାଟ ସମୟରେ ରାଜ୍ୟର ବିଭିନ୍ନ ମନ୍ତ୍ରୀ, ସରକାରୀ ପଦାଧିକାରୀ ଓ ଲୋକ ପ୍ରତିନିଧିମାନଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥାଏ। ପ୍ରଧାନପାଟ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅର୍ଥାତ ୨୪ ତାରିଖ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ୨ଜଣ ବିଧାୟକଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିବା ନେଇ ଉତ୍ସବ ପ୍ରଧାନପାଟ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା କାର୍ଡରୁ ଜଣାପଡ଼ିଛି। ତେବେ ଏହାକୁ ଏନେଇ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶାର ବହୁ ବିଧାୟକ ଓ ମନ୍ତ୍ରୀ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନେତିକ ଦଳର ୨ଜଣ ବିଧାୟକଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଡକାଯାଉଥିବାରୁ ଅଭିପ୍ରାୟ ବୁଝାପଡୁନାହିଁ। ଦେବଗଡ଼ ଜିଲାର ନିକଟବର୍ତ୍ତୀ ଜିଲାର କୌଣସି ବିଧାୟକଙ୍କୁ ଉତ୍ସବ ପ୍ରଧାନପାଟ ପାଇଁ ଡକା ନ ଯାଇ ଏକ ନିର୍ଦ୍ଦିଷ୍ଟ ଦଳର ବିଧାୟକଙ୍କୁ ଡକାଯାଇଥିବା ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏକ ରାଜନୈତିକ ଦଳର ସଙ୍ଗଠନକୁ ସୁଦୃଢ କରିବା ପାଇଁ ତାଙ୍କୁ ଡକାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ସହିତ ଜିଲାରେ ବହୁ କଳାକାର ଥିବାବେଳେ ସେମାନଙ୍କୁ ସୁଯୋଗ ଦିଆ ନ ଯାଇ ବାହାର କଳାକାରଙ୍କୁ ସୁଯୋଗ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହାର ପୁନର୍ବିଚାର କରିବା ପାଇଁ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏନେଇ ଗୁରୁବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ର ପ୍ରଦାନବେଳେ ଜିଲା ଭାଜପା ଯୁବମୋର୍ଚ୍ଚାର ଜିଲା ସଭାପତି ସନ୍ତୋଷ ଭୂତିଆ, ପୌରପରିଷଦର ଉପନଗରପାଳ ପ୍ରଜିତ ଭୋଜ, କାଉନସିଲର କାର୍ତ୍ତିକ ମହାକୁଳ, ରାଜ୍ୟ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ନରୋତ୍ତମ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।


ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ମଦ ଜବତ: ୩ ଗିରଫ

ଲୋଇସିଂହା,୨୦।୧(ଡି.ଏନ.ଏ): ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ଅବକାରୀ ବିଭାଗ ପକ୍ଷରୁ ଲୋଇସିଂହା ଓ ଆଗଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ଲୋଇସିଂହାର ଚତୁର୍ଭୁଜ ବିଶୋଇ, ରଞ୍ଜନ ସିଂ ଓ ବିନ୍ଧାପାଲି ଗ୍ରାମର ସୁନୀଲ ସାହୁ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ଠାରୁ ୬୫ ଲିଟର ରନ୍ଧା ମଦ, ୨ଶହ ଭାଟି ପାଉଚ, ବିଦେଶୀ ମଦ ୧୯.୭୮୫ଲିଟର ଜବତ କରାଯାଇଛି । ପୂର୍ବରୁ ଏହି ଅଞ୍ଚଳରେ ମଦ କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା । ଚଢ଼ାଉରେ ଲୋଇସିଂହା ଅବକାରୀ ଥାନା ଅଧିକାରୀ ଜଗନ୍ନାଥ ମିଶ୍ର,ମଞ୍ଜୁ ପ୍ରତିମା ଏକ୍କା,ଅଜିତ ସାହୁ, ରାମାଂଶୁ ଶେଖର ଷଡଙ୍ଗୀ,ଜିତେନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

### ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନ

**ଜିଲା ଆଥଲେଟିକ ମିଟ୍**

ଲୋଇସିଂହା,୨୦।୧(ଡି.ଏନ.ଏ.): ବଲାଙ୍ଗୀର ଟାଉନ ହାଇସ୍କୁଲ ଖେଳପଡିଆରେ ଜିଲା ଆଥଲେଟିକ ମିଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ର ଭାଗ ନେଇ ଉତ୍ତମ ପ୍ରଦର୍ଶନ କରିଛନ୍ତି । ବିଦ୍ୟାଳୟର ଶ୍ରବଣ ବଗର୍ତ୍ତି ୧୫ ଶହ ମିଟର ଦୌଡରେ ଭାଗ ନେଇ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ସେହିପରି ଛାତ୍ର ବୁଲୁ ଘିବେଲା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ବାଳିକା ବର୍ଗରେ ୪ ଶହ ମିଟର ଦୌଡରେ ଅଙ୍କିତା ମଲ୍ଲିକ ତୃତୀୟ ହୋଇଛନ୍ତି । ଅପରପକ୍ଷେ ୧୪ ବର୍ଷରୁ କମ ବାଳିକା ବର୍ଗରେ ବର୍ଷା ବାଗ ଦ୍ୱିତୀୟ ଓ ବାଳକ ବର୍ଗରେ ରାଜା ସା ତୃତୀୟ ହୋଇଛନ୍ତି । କ୍ରୀଡା ଶିକ୍ଷକ ଦୁର୍ବଦଳ ବାଗ ଓ କରୁଣା କର୍ତ୍ତିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।

### ସଚେତନତା ରଥର ଶୁଭାରମ୍ଭ

ଖପ୍ରାଖୋଲ,୨୦।୧( ଡି.ଏନ.ଏ.): ଶୁକ୍ରବାର ସ୍ଥାନୀୟ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ତରଫରୁ କୃଷକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ରଥ ବ୍ଲକର ବିଭିନ୍ନ ଗାଁକୁ ଯାଇ ରବିଫସଲର ସମନ୍ୱିତ ପରିଚାଳନା ଉପରେ ବାର୍ତ୍ତା ଦେବ ବୋଲି ଜଣାଯାଇଛି।

# ହୋହଲ୍ଲା, ପ୍ରତିବାଦରେ ସରିଲା 'ଦିଶା' କମିଟି ବୈଠକ

ବଲାଙ୍ଗୀର ଅଫିସ,୨୦।୧



ଦିଶା କମିଟି ବୈଠକରେ ଉପସ୍ଥିତ ଏମ୍‌ପି ଓ ଅଧିକାରୀ।

**ଦିଶା କମିଟି ବୈଠକ**

- ଏମ୍‌ପିଙ୍କ ଭାଷାକୁ ବିରୋଧ କରି ବୈଠକ ଅଧାରୁ ଉଠି ଆସିଲେ ବ୍ଲକ ଅଧକ୍ଷ
- ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ-ଏମ୍‌ପି ମୁହାଁମୁହିଁ
- ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ନେଇ ଅସନ୍ତୋଷ

ସ୍ଥାନୀୟ ସର୍କିଟ ହାଉସଠାରେ ଶୁକ୍ରବାର ଜିଲା ଉନ୍ନୟନ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ (ଦିଶା) କମିଟି ବୈଠକ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପ୍ରାରମ୍ଭରୁ ହୋ ହଲ୍ଲା, ବିରୋଧ, ପ୍ରତିବାଦ ଦେଖିବାକୁ ମିଳିଥିଲା।

ପ୍ରଥମେ ଏମ୍‌ପି ସିଂଦେଓ ବିଭିନ୍ନ ପ୍ରସଙ୍ଗ ଉଠାଇ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏଭଳି କି ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂଙ୍କୁ ରୋକ୍‌ଠୋକ ଶୁଣାଇଥିଲେ। ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ଘୋର ଅବହେଳା ଏବଂ ମନମୁଖୀ କାର୍ଯ୍ୟ କରାଯିବା ଦର୍ଶାଇ ଜିଲା ଶିକ୍ଷା ଅଧିକାରୀଙ୍କୁ କଡା ଭାଷା ବ୍ୟବହାର କରିଥିବା ଦେଖିବାକୁ ମିଳିଥିଲା। ଜଣେ ଜିଲାସ୍ତରୀୟ ଅଧିକାରୀଙ୍କ ପ୍ରତି ସର୍ବସମ୍ମୁଖରେ ଏମ୍‌ପି ଆପତ୍ତିଜନକ ଭାଷା ବ୍ୟବହାର କରିଥିବା ଦର୍ଶାଇ ଏହାର ପ୍ରତିବାଦରେ କମିଟି ବୈଠକରେ ଉପସ୍ଥିତ ଥିବା ୫-୬ ଜଣ ବ୍ଲକ ଅଧକ୍ଷ ବୈଠକ ଅଧାରୁ ଉଠି ଚାଲି ଆସିଥିଲେ। ଏଜେଣ୍ଡା ଅନୁଯାୟୀ ବୈଠକ ଚାଲି ନ ଥିବା ଏବଂ ଏମ୍‌ପି ସିଂଦେଓ ଅନ୍ୟମାନଙ୍କୁ କିଛି କହିବାକୁ ସୁଯୋଗ ଦେଉ ନ ଥିବାରୁ ସେମାନେ ବୈଠକ ଅଧାରୁ ଉଠି ଆସିଲେ ବୋଲି ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଏବଂ ଲୋଇସିଂହା ବ୍ଲକ ଅଧକ୍ଷ ଜତିନ୍ ପଟେଲ ଗଣମାଧ୍ୟମକୁ କହିଥିଲେ। ବ୍ଲକ ଅଧକ୍ଷମାନେ ବୈଠକ ଅଧାରୁ ଛାଡି ଆସିବା ପରେ ମଧ୍ୟ ଦିଶା କମିଟି ବୈଠକ ଜାରି ରହିଥିଲା। ଏମ୍‌ପି ସିଂଦେଓ ଅଫିସରମାନଙ୍କୁ ତାଗିଦ୍ କରିଥିଲେ।

ବଲାଙ୍ଗୀର ଜିଲା କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲା ଭାବେ ଚିହ୍ନଟ ହୋଇଛି। ଏଠାକାର ତ୍ୱରିତ ଉନ୍ନୟନ ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରଣୟନ କରିବା ସହ ଅନୁଦାନ ଦେଉଛନ୍ତି। ମାତ୍ର ଅଫିସରଙ୍କ ଅବହେଳା ଯୋଗୁ ଏହି ଜନକଲ୍ୟାଣକାରୀ ଯୋଜନାଗୁଡିକ ଠିକଣା ସମୟରେ କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ତାଗିଦ୍ କରିଥିଲେ। ହିନ୍ଦୀ ଶିକ୍ଷକ ନିଯୁକ୍ତି ଅନ୍ୟ ଜିଲାଗୁଡିକରେ ସରି ଯାଇଥିବା ବେଳେ ଏଠାକାର ଜିଲା ଶିକ୍ଷା ଅଧିକାରୀଙ୍କ ଉଦାସୀନତା ପାଇଁ ଏହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ଏହାସହିତ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ମୃର୍ତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ସମେତ ୨୫ଟି ଯୋଜନାର ସମୀକ୍ଷା ଏବଂ ତଦାରଖ କରିଥିଲେ।

ଏହାଛଡା ଉକ୍ତ ବୈଠକରେ ଦିଶା କମିଟି ବୈଠକ ସ୍ଥାନ ପରିବର୍ତ୍ତନ ଉପରେ ଜିଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ସମାଲୋଚନା କରିଥିଲେ। ବେଲପଡା ବ୍ଲକରେ ଜିଲା ପରିଷଦ ସଦସ୍ୟାଙ୍କ ଧାରଣା ସମ୍ପର୍କରେ କଡା ସମାଲୋଚନା କରି ବିଡିଓ କିଭଳି ଭାବେ ଜନପ୍ରତିନିଧିଙ୍କ ପ୍ରକଳ୍ପ କାଟୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଜିଲାପାଳ ରାଣାଙ୍କୁ ବୈଠକରେ ହୋଇଥିବା ହୋ ହଲ୍ଲା, ଅଧିକାରୀଙ୍କୁ ଦୁର୍ବ୍ୟବହାର ଏବଂ ବ୍ଲକ ଅଧକ୍ଷମାନେ ଅଧାରୁ ଉଠି ଆସିବା ପ୍ରସଙ୍ଗ ପଚରାଯିବାରୁ ନିୟମିତ ବୈଠକ ଉପରେ ଏମ୍‌ପି ଜୋର ଦେଇଥିଲେ। ଯେଉଁମାନେ ଅଧାରୁ ଉଠି ଯାଇଥିଲେ ସେମାନେ କେଉଁ କାରଣରୁ ଉଠିଲେ କହିପାରିବେ ନାହିଁ ବୋଲି କହି ଘଟଣାକୁ ହାଲୁକା କରିବାକୁ ଚେଷ୍ଟା କରିଥିଲେ। ଏନେଇ ଏମ୍‌ପି ସିଂଦେଓଙ୍କୁ ପଚରାଯିବାରୁ କହିଥିବା କଥା ଗାଳି ନୁହେଁ ବୋଲି ଗଣମାଧ୍ୟମକୁ କହିଥିଲେ। ଜିଲାରେ ପ୍ରଶାସକମାନେ ଜନପ୍ରତିନିଧିଙ୍କୁ ବାଇପାସ୍ କରି କାମ କରୁଛନ୍ତି କି ବୋଲି ଏମ୍‌ପିଙ୍କୁ ପ୍ରଶ୍ନ କରାଯିବାରୁ ସେ ଏଭଳି ହାଲୁକା ମନ୍ତବ୍ୟ ଦେବେ ନାହିଁ ବୋଲି କହିବା ସହ ଉଭୟଙ୍କ ମଧ୍ୟରେ ଅଧିକ ସମନ୍ୱୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ବୈଠକରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଦିଶା କମିଟି ସଦସ୍ୟଙ୍କ ସହ ବ୍ଲକ ଅଧକ୍ଷା, ଅଧକ୍ଷ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପୁତୁରାଙ୍କୁ ଆଜୀବନ କାରାଦଣ୍ଡ

**କାକାଙ୍କୁ ପାଣିରେ ବୁଡ଼ାଇ ମାରିବା ଘଟଣାର ରାୟ ପ୍ରକାଶ**

କଣ୍ଟାବାଞ୍ଜି,୨୦।୧(ଡି.ଏନ.ଏ.)

ଶୁକ୍ରବାର କଣ୍ଟାବାଞ୍ଜି ଏ.ଡି.ଜେ.କୋର୍ଟରେ ବଲାଙ୍ଗୀର ଜିଲା ଚୁଲିଫୁଙ୍କା ଗାଁରେ ଜମିବାଡିକୁ କେନ୍ଦ୍ର କରି ଗତ ୨୦୨୦ ମସିହା ଜାନୁୟାରୀ ୨୧ ତାରିଖରେ କାକାକୁ ପାଣିରେ ବୁଡାଇ ମାରିବା ଘଟଣାର ବିଚାର ହୋଇ ରାୟ ପ୍ରକାଶ ପାଇଛି। କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଏହି ଘଟଣାରେ ସାକ୍ଷ୍ୟ ପ୍ରମାଣ ପରେ ଅଭିଯୁକ୍ତ ପୁତୁରା ବାଙ୍କନିଧି ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି। ପ୍ରକାଶ ଯେ, ବଙ୍ଗୋମୁଣ୍ଡା ଥାନା ଅଧୀନ ଚୁଲିଫୁଙ୍କା ଗାଁର ବାଙ୍କନିଧି ବେହେରା ଓ ତାଙ୍କ କାକା(ଦାଦା) ଜଗଦାନନ୍ଦ ବେହେରାଙ୍କ ମଧ୍ୟରେ ପାରିବାରିକ କଳହ ଓ ଜମିବାଡିକୁ ନେଇ ଅନେକ ଦିନରୁ ବାଦ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଘଟଣା ଦିନ ପୁତୁରା ବାଙ୍କନିଧି ଉତ୍ୟକ୍ତ ହୋଇ କାକା ଜଗଦାନନ୍ଦଙ୍କୁ କୂଅରେ ଫିଙ୍ଗି ଦେଇ ପାଣିରେ ବୁଡାଇ ମାରିଥିବା ଅଭିଯୋଗ ବଙ୍ଗୋମୁଣ୍ଡା ଥାନାରେ ହୋଇଥିଲା। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିଥିଲା । ସେହି ଦିନଠାରୁ ଅଭିଯୁକ୍ତ ବାଙ୍କନିଧି କଣ୍ଟାବାଞ୍ଜି ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିଲେ।

## ପଞ୍ଚାୟତ ଭବନ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟନ



କରୁଆଁଝର ପଞ୍ଚାୟତ ଭବନ ଉଦ୍‌ଘାଟନ ଅବସରରେ ପାଟଣାଗଡ ବିଧାୟକ ।

ଲାଠୋର,୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଞ୍ଚାୟତ ଭବନ ଏବଂ ମିଶନ ଶକ୍ତି ଗୃହ ଉଦ୍‌ଘାଟନ ଉତ୍ସବ ଶୁକ୍ରବାର ସରପଞ୍ଚ ଜପସ୍ୱିନି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପାଟଣାଗଡ ବିଧାୟକ ତଥା ଉପ ମୁଖ୍ୟ ସଚେତକ ସରୋଜ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ନବ ନିର୍ମିତ ପଞ୍ଚାୟତ ଭବନ ଏବଂ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ବିଧାୟକଙ୍କ ସହ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧକ୍ଷା ନିରୁପମା ପଟେଲ, ଉପାଧକ୍ଷ ଶୁଖିରାମ ଶାଣ୍ଡ, ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ସମିତି ସଭ୍ୟ ସନ୍ତୋଷ ତାଣ୍ଡି, ବିଧାୟକଙ୍କ ଖପ୍ରାଖୋଲ ନୋମିନି ରମେଶ ପ୍ରଧାନ ପ୍ରମୁଖ ରହିଥିଲେ। ଏହି ଅବସରରେ ବିଧାୟକ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ପଞ୍ଚାୟତ ଅଧୀନ ୫ ଖଣ୍ଡ ଗ୍ରାମରେ ବହୁ ସଂଖ୍ୟକ ବାସଗୃହହୀନ ପରିବାର ରହିଥିବା ବେଳେ କେବଳ ୧୧୯ ଜଣ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ପାଇଁ ତାଲିକା ପ୍ରକାଶ ପାଇଛି । ଏଣୁ ବହୁ ବାସହୀନ ପରିବାର ଅସନ୍ତୋଷ ବ୍ୟକ୍ତ କରି ବାସଗୃହ ଯୋଗାଇ ଦେବାକୁ ବିଧାୟକଙ୍କୁ ଗୁହାରି କରିଥିଲେ। ସେହିପରି କେତେଜଣ ବ୍ୟକ୍ତି ଭତ୍ତା ପାଇଁ ମଧ୍ୟ ଗୁହାରି କରିବା ଦେଖା ଯାଇଥିଲା। କାର୍ଯ୍ୟକ୍ରମରେ ଦଳୀୟ କର୍ମୀଙ୍କ ସହ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ଏମବିକେ ଏବଂ ସିଆରପିମାନେ ଉପସ୍ଥିତ ରହିଥିଲେ।

## ୪ ସନ୍ତାନର ଜନନୀ ୱାର୍ଡ ସଭ୍ୟ ନିର୍ବାଚିତ ଅଭିଯୋଗ

ଲୋଇସିଂହା,୨୦।୧(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ପଞ୍ଚାୟତ ବଘାପାଲି ଗ୍ରାମର ୪ ନଂ ୱାର୍ଡରୁ ଆନନ୍ଦିନୀ ଜାଲ ୨୦୨୨ ନିର୍ବାଚନରେ ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ସେ ୪ ସନ୍ତାନର ଜନନୀ ହୋଇଥିବାରୁ ତାଙ୍କ ପଦବୀକୁ ରଦ୍ଦ ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମନହୀରା ପଞ୍ଚାୟତ ଅନ୍ତର୍ଗତ ବଘାପାଲି ଗ୍ରାମର ଶୁକଦେବ ଜାଲଙ୍କ ସ୍ତ୍ରୀ ଆନନ୍ଦିନୀ ହେଉଛନ୍ତି ୪ ସନ୍ତାନର ଜନନୀ। ୩ ଝିଅ ଗାୟତ୍ରୀ (୧୨), ଧରିତ୍ରୀ(୧୦), କସ୍ତୁରୀ(୮) ଓ ଏକମାତ୍ର ପୁଅ ରବୀନ୍ଦ୍ର ୨ ବର୍ଷ ୮ ମାସର ବୋଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଯଶୋବନ୍ତୀ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିର୍ବାଚନ ସମୟରେ ସ୍କ୍ରୁଟିନି ବେଳେ ଏ ନେଇ ଯଶୋବନ୍ତୀ ଅଭିଯୋଗ କରିଥିଲେ। ହେଲେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ତାଲିକାଭୁକ୍ତ ଆବାସ ଯୋଜନା ହିତାଧିକାରୀଙ୍କ ନାମରେ ଅଭିଯୋଗକୁ ନେଇ ତେଜିଲା ଅସନ୍ତୋଷ

ଲୋଇସିଂହା,୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ହୀରାପୁର ପଞ୍ଚାୟତ ସଦର ଗ୍ରାମର ଆବାସ ଯୋଜନା ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ସେଥିରୁ କେତେଜଣ ଅଯୋଗ୍ୟ ବୋଲି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ଶୁକ୍ରବାର ଏହାର ତଦନ୍ତ ପାଇଁ ବ୍ଲକରୁ ଏକ ଅଧିକାରୀ ଟିମ ଗ୍ରାମକୁ ଯାଇଥିଲେ । ହେଲେ ଅଭିଯୋଗକାରୀଙ୍କ ନାମ ନ କହିବା ପର୍ଯ୍ୟନ୍ତ ତଦନ୍ତ କରି ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଅଡି ବସି ଅଧିକାରୀଙ୍କୁ ଫେରାଇ ଦେଇଥିଲେ ।

ସୂଚନା ଅନୁଯାୟୀ, ହୀରାପୁର ପଞ୍ଚାୟତର ୬୨ ଜଣ ହିତାଧିକାରୀ ତାଲିକାଭୁକ୍ତ ହୋଇଛନ୍ତି। ସେଥିମଧ୍ୟରୁ ହୀରାପୁର ପଞ୍ଚାୟତ ସଦର ଗାଁର ୧୫ ଜଣ ହିତାଧିକାରୀ ଅଛନ୍ତି। କିନ୍ତୁ ସଦର ଗାଁର ୧୨ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ ହୋଇଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ଏହାର ସତ୍ୟତା ପରଖିବା ପାଇଁ ରାଜସ୍ୱ ନିରୀକ୍ଷକ ସଞ୍ଜୀବ ନନ୍ଦ, ଆରକ୍ତୁ ପଟେଲ ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପିଇଓ ହୁତାଶନ ସୁନାଙ୍କ ସହ ତଦନ୍ତକାରୀ ଟିମ୍ ଅଭିଯୋଗ ହୋଇଥିବା ହିତାଧିକାରୀଙ୍କ ଘରକୁ ଯାଞ୍ଚ ପାଇଁ ବାହାରୁଥିବା ବେଳେ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଅଭିଯୋଗକାରୀ କିଏ ନ କହିବା ପର୍ଯ୍ୟନ୍ତ ଯିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ଘଟଣା ସଂକ୍ରାନ୍ତରେ ପିଇଓ ସୁନା ଏବିଡିଓ ବିଜୟ କୁମାର ହୋତାଙ୍କୁ ଜଣାଇଥିଲେ । ଏହାପରେ ଏବିଡିଓ ହୋତା ହୀରାପୁର ଗ୍ରାମର ସମସ୍ତ ହିତାଧିକାରୀଙ୍କ ଘର କାଟି ଦେବାକୁ କୁଆଡେ ଚେତାବନୀ ଦେଇଥିଲେ। ଏହାକୁ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ଅପରପକ୍ଷରେ ୨୦୧୮-୧୯ରେ ସଦର ଗ୍ରାମର ସ୍ୱର୍ଗତ କାର୍ତ୍ତିକ ବନଛୋରଙ୍କ ନାମରେ ଏକ ଘର ମଞ୍ଜୁର ହୋଇଥିଲା । ତାଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ପ୍ରସନ୍ନ ଜାଲଙ୍କୁ ଘର ନ ଦେଇ କାର୍ତ୍ତିକ ନାମକ ଜଣେ ଅନ୍ୟ ସାଙ୍ଗିଆଧାରୀ ବ୍ୟକ୍ତିକୁ ସେ ଘର ପ୍ରଦାନ କରାଯାଇଛି। ମୃତ୍ୟୁ ସମୟରେ କାର୍ତ୍ତିକଙ୍କୁ ୭୧ ବର୍ଷ ହୋଇଥିବା ବେଳେ ଘର ହାତେଇଥିବା କାର୍ତ୍ତିକଙ୍କ ବୟସ ୪୫ ବର୍ଷ ବୟସ ମଧ୍ୟରେ ହେବ। ଏହି ଘର ବାବଦ ସମସ୍ତ କିସ୍ତି ଟଙ୍କା ଉଠା ସରିଛି। କେଉଁ ପରିସ୍ଥିତିରେ ତାଙ୍କୁ ଘର ଦିଆଯାଇଛି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟିତ**

# 'ଲୋକକଳା, ଲୋକସଂସ୍କୃତି ପୁନରୁଦ୍ଧାର ହେଉଛି'

ବଲାଙ୍ଗୀର ଅଫିସ, ୨୦।୧

- ସାଂସ୍କୃତିକ ଶୋଭାଯାତ୍ରା କଲା ନଗର ପରିକ୍ରମା
- କବିତା ଓ ଗଳ୍ପ ପାଠୋତ୍ସବର ଆସର ଜମିଲା

ଐତିହାସିକ କୋଶଳ କଳାମଣ୍ଡଳ ପଡିଆରେ ଏକବିଂଶତମ ବଲାଙ୍ଗୀର ଲୋକ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟାରେ ପଲ୍ଲୀଶ୍ରୀ ମେଳା ଓ ସାନ୍ଧ୍ୟ ଉତ୍ସବକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଉଦ୍‌ଘାଟନ କରିଥିଲେ। ପଞ୍ଚମ ଅନୁଷ୍ଠାନ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲାପାଳ ତଥା ଲୋକଉତ୍ସବ ସମିତି ଅଧକ୍ଷ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଓଡିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଏସ୍‌ପି ନିତିନ କୁଶଲକର, ଡିଏଫ୍‌ଓ ନିତିଶ କୁମାର, ସଙ୍ଗୀତ ସାଧକ ଶଙ୍କର ପ୍ରଧାନ, ଅତିଥି କଳାକାର ଡ, ସୁଧାଂଶୁ ଶେଖର ପଟ୍ଟନାୟକ ମଞ୍ଚାସୀନ ଥିଲେ। ଲୋକଉତ୍ସବ ଜରିଆରେ ଲୋକସଂସ୍କୃତିର ବିକାଶ ହେବା ସହ ଲୋକକଳା, ପରମ୍ପରାର ପୁନରୁଦ୍ଧାର ହେଉଛି ବୋଲି ଅତିଥିମାନେ କହିଥିଲେ। ମୁଖ୍ୟଅତିଥି ଲୋକସଭା ଏମ୍‌ପି ସିଂଦେଓ ଗ୍ରାମୀଣ କଳାକାରଙ୍କ କଳା ପ୍ରଦର୍ଶନ ଉପରେ କହିଥିଲେ। ବିଧାୟକ ଡ. ମହାଲିଙ୍ଗ ଧନୁଯାତ୍ରା, ଲୋକକଳା, ଲୋକସଂସ୍କୃତିର ଡକ୍ୟୁମେଣ୍ଟାରୀ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ମିଶ୍ର ଅତିଥିଙ୍କୁ ଫୁଲତୋଡା ବଦଳରେ ଫୁଲଚାରା ଦେବାକୁ କହିଥିଲେ। ପୌରାଧକ୍ଷ ବଲାଙ୍ଗୀର ଜିଲାର ସଂସ୍କୃତିକୁ ମହାନ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ଏହି ଅବସରରେ ଏକବିଂଶତମ ଲୋକଉତ୍ସବ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାରେ ଆକାଶବାଣୀ କଳାକାର ତଥା ସିନେ ଅଭିନେତା ବ୍ରହ୍ମାନନ୍ଦ ବନ୍‌ଛୋରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାମ ଦାଶ ଧନ୍ୟ)ବାଦ ଦେଇଥିଲେ। ଏହାପରେ ବଲାଙ୍ଗୀରର ଉପକାର, ଆସାମର ବିହୁ, ଗୋଟିପୁଅ, ରାଜସ୍ଥାନର ଘୁମର, ମଧ୍ୟପ୍ରଦେଶର ବଧାଇ ଓ ଅନ୍ୟାନ୍ୟ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସକାଳେ ଜିଲାପାଳ ଚଞ୍ଚଳ ରାଣାଙ୍କ ପୌରୋହିତ୍ୟରେ ମଞ୍ଚ ପୂଜନ କରାଯିବା ପରେ ପାରମ୍ପରିକ ବାଦ୍ୟ ଘଣ୍ଟ, ଶଙ୍ଖ, ଦୁଲଦୁଲି ସହ ଏକ ସାଂସ୍କୃତିକ ଶୋଭାଯାତ୍ରା ସମଗ୍ର ସହର ପରିକ୍ରମା କରିଥିଲା। ଏସ୍‌ପି ନିତିନ କୁଶଲକର ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବରିଷ୍ଠ କଳାକାର ସନାତନ ଠାକୁର, ଏଡିଏମ୍ ଲମ୍ବୋଦର ଧରୁଆ, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଅଶୋକ ରାଉତ, ଚିତ୍ତ ଦାଶ ଓ ଅନ୍ୟ କଳାକାର ଉପସ୍ଥିତ ଥିଲେ। ସମଲେଶ୍ୱରୀ ଓ ପାଟଣେଶ୍ୱରୀ ମନ୍ଦିରରେ ପୂଜା କରାଯାଇଥିଲା। ଅପରାହ୍ଣରେ ପୁରୁଣା ମଞ୍ଚରେ କବିତା ଓ ଗଳ୍ପ ପାଠୋତ୍ସବ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୭୦ ଜଣ କବି ଓ କବିୟତ୍ରୀ, ଗାଳ୍ପିକ ଓ ଗାଳ୍ପିକା ଏଥିରେ ଯୋଗ ଦେଇଥିଲେ। ସମ୍ମାନ କମିଟି ସହଅଧକ୍ଷ ଡ. ସଞ୍ଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଜିଲାପାଳ ରାଣା, ମୁଖ୍ୟଅତିଥି ଗାଳ୍ପିକା ଗାୟତ୍ରୀ ସରାଫ, ଅତିଥି ବକ୍ତା ଡ. ସଂଘମିତ୍ରା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଜ୍ୟୋତି ସାହୁ, ଲମ୍ବୋଦର ଧରୁଆ ଯୋଗ ଦେଇଥିଲେ। କବିତା ସଂଯୋଜନା କରିଥିଲେ କବି ଅର୍ଜୁନ ସାହୁ ଏବଂ କବିୟତ୍ରୀ ରଶ୍ମି ପ୍ରଧାନ। ଏହି ଅବସରରେ ଡ. ଶିବପ୍ରିୟା ମିଶ୍ର ଏବଂ ଦେବହୁତି କରଙ୍କୁ ଯଥାକ୍ରମେ ଲୋକ ଉତ୍ସବ କବିତା ଏବଂ ଗଳ୍ପ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଲୋକ ଉତ୍ସବ ଚାଲିବ।



ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଲୋକ ଉତ୍ସବ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ କଳାକାର ବ୍ରହ୍ମାନନ୍ଦ ବନ୍‌ଛୋରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଚର୍ଚ୍ଚାରେ ଜିଲାପାଳଙ୍କ କୋଶଳୀ ଛଟ୍‌କା

ଏକବିଂଶତମ ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ଜିଲାପାଳ ତଥା ଲୋକଉତ୍ସବ ସମିତି ଅଧକ୍ଷ ଚଞ୍ଚଳ ରାଣା ବକ୍ତବ୍ୟ ଦେବା ବେଳେ କୋଶଳୀ ଛଟ୍‌କାରେ ଦର୍ଶକଙ୍କ ମନ ମୋହି ନେଇଥିଲେ। ଚାହା ପିଇବୁ ଫୁଙ୍କି ଫୁଙ୍କି ପାନ୍ ଖାଏବୁ କଲେ, ଯେତେ ନାଚ୍, ଗୀତ ବଜା ବଜାବ ସବୁ ବଲାଙ୍ଗୀରର ତଲେ ବୋଲି ଛଟ୍‌କା କହିବା ପରେ ଦର୍ଶକଙ୍କ କରତାଳିରେ କୋଶଳ କଳାମଣ୍ଡଳ ପଡିଆ ଫାଟି ପଡିଥିଲା। ସେ କହିଥିଲେ ଯେ, କଳାକାରଙ୍କ ମଞ୍ଚରେ କଲେକ୍ଟର, ଏସ୍‌ପି ସବୁ ଫେଲ, କଳାକାର ଏକା ପାଶ୍ ବୋଲି କହିଥିଲେ। ତାଙ୍କ ବକ୍ତବ୍ୟକୁ ଲୋକେ ପ୍ରଶଂସା କରିଥିଲେ।

**ସଂକଳ୍ପ ପରିବାରକୁ ସେବା ସମ୍ମାନ**

ବରଗଡ଼ ଅଫିସ : ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦର ଗ୍ରାମ ସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଶୁକ୍ରବାର ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହରେ ସଂକଳ୍ପ ପରିବାରକୁ ଚଳିତବର୍ଷର ପାର୍ବାତୀ ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଗୁରୁବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଆଡିଭର୍ସ ଫାଉଣ୍ଡେଶନ ଗ୍ରୁପ୍ ପକ୍ଷରୁ ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଉକ୍ତ ସମାରୋହରେ ମଧ୍ୟ ସଂକଳ୍ପ ପରିବାରକୁ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ନୂଆ ଟାର୍ଗେଟ ନାହିଁ, ଲାପ୍ସ ହେବ ଟୋକନ

ପାଇକମାଳ, ୨୦।୦୧ (ଡି.ଏନ.ଏ.): ପାଇକମାଳ ବ୍ଲକ ଜାମସେଠ ଧାନମଣ୍ଡିକୁ ନୂତନ ଟାର୍ଗେଟ ଦେବା ପାଇଁ ରାଜବୋଡାସମ୍ବର କୃଷକ ସଂଗଠନ ଜିଲାପାଳଙ୍କ ନିକଟରେ ଦାବି କରିଛି। ଜାମସେଠ ଧାନମଣ୍ଡିରେ ଦୀର୍ଘଦିନ ହେଲା ୧୩୬ ଜଣ ଚାଷୀଙ୍କ ୧୮ହଜାରରୁ ଉର୍ଦ୍ଧ୍ୱ ବସ୍ତା ଖୋଲା ଆକାଶ ତଳେ ପଡିରହିଛି। ଟାର୍ଗେଟ ନ ଥିବାରୁ ୨୫ ଜାନୁଆରୀ ମଧ୍ୟରେ ଟୋକନ ଲାପ୍ସ ହେବାର ସମ୍ଭାବନା ଅଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାସ୍ତାରୋକୋ କରିବୁ ବୋଲି ଚାଷୀ କଳାକାହ୍ନୁ ପ୍ରଧାନ, ଦିଲୀପ ରଣା, ଭୂପେନ୍ଦ୍ର ସାହୁ, ନୀଳାଞ୍ଚଳ ମାଝୀ, ଅମୀୟ ରଣା, ପଙ୍କଜ ବାଗ, ଅଦବଲ ପୂଜାରୀ ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି।

### ଦୟାନିଧି ଯଦୁନନ୍ଦନ ସ୍ମାରକୀ କ୍ରିକେଟ

ପଦ୍ମପୁର,୨୦।୧(ଡି.ଏନ.ଏ.): ପଦ୍ମପୁର ଉପଖଣ୍ଡ ଗଞ୍ଜାଗୁଡାଠାରେ ୧୦ମ ଦୟାନିଧି ଯଦୁନନ୍ଦନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ସରପଞ୍ଚ ସୁଦାମ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଦେବାର ବରିହା, ସୁମନ୍ତ ବାଗ, ଭୁବନ ମିର୍ଦ୍ଧା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମ ଦିନରେ ପତ୍ରାପାଲି-ଚକାଖଲିଆ, ଇଚ୍ଛାପାଲି-କୁମୁନୀବାହାଲି, ଡଙ୍ଗାଘାଟ-ଢୋଲବନ୍ଧ, ଜମଲା-ଭାଲୁକନା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଚକାଖଲିଆ, ଇଚ୍ଛାପାଲି, ଡଙ୍ଗାଘାଟ, ଜମଲା ଦଳ ବିଜୟୀ ହୋଇଥିଲେ। ଜିତ ମିର୍ଦ୍ଧା, ଭୋଜରାଜ ବରିହା ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ ବିଶ୍ୱାଳ ଉଦଘୋଷକ ଓ ସୁଶାନ୍ତ ଜାନୀ, ନବୀନ କିଶୋର ମିର୍ଦ୍ଧା ସ୍କୋରର ଥିଲେ।

# ଧାନ ନ ଉଠିଲେ ଆନ୍ଦୋଳନ



କୃଷକ ସଂଗଠନ ପକ୍ଷରୁ ସହକାରୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଦ୍ମପୁର,୨୦।୧(ଡି.ଏନ.ଏ.)

ଚଳିତ ଖରିଫ ଋତୁରେ ବରଗଡ ଜିଲାରେ ମୋଟ ୧ ଲକ୍ଷ ୩୯ ହଜାର ୫ଶହ ୫୮ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୨୭ ହଜାର ଚାଷୀ ବର୍ତ୍ତମାନ ସୁଦ୍ଧା ୬୭ ଲକ୍ଷ ୩୩ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ପ୍ରତ୍ୟେକ ଚାଷୀ ପ୍ରାୟ ୫୩ କୁଇଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ଏବେସୁଦ୍ଧା ୬ ଲକ୍ଷ ୫୦ କୁଇଣ୍ଟାଲ (୧୧ଲକ୍ଷ ପ୍ୟାକେଟ) ଧାନ ବିଭିନ୍ନ ମଣ୍ଡିରେ ପଡ଼ିରହିଛି। ଏହି ଧାନ ଉଠାଯାଉ ନ ଥବବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଅତାବିରା ଆର୍‌ଏମ୍‌ସି ଅଧୀନରେ ୯୦%, ବରଗଡ଼ ଆର୍‌ଏମ୍‌ସି ଅଧୀନରେ ୮୫ % ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ୬୫% ଚାଷୀଙ୍କ ଧାନ ବିକ୍ରି ହୋଇଛି। ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ଜଗଦଲପୁର ମଣ୍ଡିରେ ୧୩୩ ଜଣ ଚାଷୀଙ୍କ ୧୨ ହଜାର ୩ଶହ ୯୪ ପ୍ୟାକେଟ ପଡିଥିବା ବେଳେ ସରେଇକେଲା ମଣ୍ଡିରେ ୭୦ ଜଣ ଚାଷୀଙ୍କ ୭ହଜାର ୧୦୧, ଲଖମରାରେ ୧୬୬ ଜଣ ଚାଷୀଙ୍କ ୨୧ ହଜାର ୪୦୨, କନସିଂହାରେ ୧୪୧ ଜଣ ଚାଷୀଙ୍କ ୧୯ ହଜାର ୬୩୭, ଲଉ ମଣ୍ଡିରେ ୪୨୭ ଜଣ ଚାଷୀଙ୍କ ୪୬ ହଜାର ୯୮୧, ବରିକେଲ ମଣ୍ଡିରେ ୨୨ ହଜାର ଓ ବୁକୁରାମୁଣ୍ଡା ମଣ୍ଡିରେ ୪୪ ହଜାର ପ୍ୟାକେଟ ଏହିପରି ମୋଟ ୯ ଲକ୍ଷ ପ୍ୟାକେଟ ଧାନ ବିକ୍ରି ପାଇଁ ପଡ଼ିରହିଛି। ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ମଣ୍ଡି ପାଇଁ ତିନୋଟି ପର୍ଯ୍ୟାୟରେ ୫୫ ଲକ୍ଷ, ୬ ଲକ୍ଷ ଓ ୭ ଲକ୍ଷ ଏପରି ଭାବେ ୬୮ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ମିଳିଥିଲା। ଫଳରେ ଚାଷୀଙ୍କର ୬୭ ଲକ୍ଷ ୩୩ ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇସାରିଲାଣି। ମିଳିଥିବା ବଳକା ଟାର୍ଗେଟରୁ ଯେତେ ପରିମାଣର ଧାନ ବିକ୍ରି ହେବ ତନ୍ମଧ୍ୟରୁ ଆହୁରି ପାଖାପାଖି ୬ ଲକ୍ଷ କୁଇଣ୍ଟାଲ ଧାନ ବାକି ରହିଯିବ। ପୂର୍ବରୁ ରାଜବୋଡାସମ୍ବର କୃଷକ ସଂଗଠନ ଧାନବିକ୍ରି ସମସ୍ୟା ପାଇଁ ରାସ୍ତାରୋକୋ କରିବାକୁ ପଦ୍ମପୁର ଉପଜିଲାପାଳ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ଲିଖିତ ଭାବେ ଜଣାଇଥିଲା। ଏହି କ୍ରମରେ ଶୁକ୍ରବାର ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବରିକେଲ ମଣ୍ଡିରେ ରାଜବୋଡାସମ୍ବର କୃଷକ ସଂଗଠନ ସଦସ୍ୟ ଓ ଅସନ୍ତୁଷ୍ଟ ଚାଷୀମାନଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାଜବୋଡାସମ୍ବର କୃଷକ ସଂଗଠନ ତରଫରୁ ରମେଶ ମହାପାତ୍ର, ରୋହିତ ପ୍ରଧାନ, ପଞ୍ଚାନନ ସାହୁଙ୍କ ସହ ଉପଜିଲାପାଳ ଆଲୋଚନା କରିଥିଲେ। ୨୪ ତାରିଖ ପୂର୍ବରୁ ଆହୁରି ୬ ଲକ୍ଷ କୁଇଣ୍ଟାଲ ଟାର୍ଗେଟ ପ୍ରଦାନ କରାଯିବା ସହ ତୁରନ୍ତ ଚାଷୀଙ୍କ ଧାନ କିଣିବାକୁ ରାଜବୋଡାସମ୍ବର କୃଷକ ସଂଗଠନ ତରଫରୁ ଦାବି କରାଯାଇଥିଲା। ନଚେତ ସମସ୍ତ ରାଜରାସ୍ତା, ସରକାରୀ କାର୍ଯ୍ୟାଳୟରେ ଧାନ ରଖି ଆନ୍ଦୋଳନ କରିବାକୁ କୃଷକ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି। ଆଲୋଚନା ସମୟରେ ଚାଷୀ ସୁବାସ ସାହୁ, ରମେଶ ମେହେର, ଚିତ୍ତରଞ୍ଜନ ସାହୁ, ହରେକୃଷ୍ଣ ପାତ୍ର, ଗୋଲକ ମେହେର, କ୍ଷେତ୍ରପାଳ ସାହୁ, ମୁରଲୀ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ୟାଗ୍ ନାହିଁ, ମଣ୍ଡିରେ ପଡ଼ିଛି ଧାନ

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ସମୟରେ ରାଜନେତା ଓ ପ୍ରଶାସନିକ ଅଧିକାରୀ ଚାଷୀଙ୍କୁ ଭୁଆଁ ବୁଲାଇଲେ। ସେମାନଙ୍କ ଧାନ ଠିକ୍ ସମୟରେ ବିକ୍ରି ହେବ। ଚାଷୀ କଟନି ଛଟନିର ସମ୍ମୁଖୀନ ହେବେନି। ଟୋକନ ଲାପ୍‌ସ ହେବନାହିଁ ଏମିତି କେତେ କଣ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ବାଚନ ପରେ ପ୍ରଶାସନିକ ଅଧିକାରୀ ଓ ରାଜନେତା ସମସ୍ତେ ଚାଷୀଙ୍କ ଧାନ ବିକ୍ରି ସମ୍ପର୍କରେ ନିରବ ରହିଛନ୍ତି। ପଦ୍ମପୁର ଉପଖଣ୍ଡର ୮୧ଟି ମଣ୍ଡିରେ ପ୍ରାୟ ମାସେ ହେବ ୮ ଲକ୍ଷ ୫୮ ହଜାର ୫୫୬ ପ୍ୟାକେଟ୍ ଧାନ ଖୋଲା ଆକାଶ ତଳେ ପଡିଥିବା ବେଳେ ଧାନ ବିକ୍ରି ପାଇଁ ମିଲର୍ସମାନଙ୍କୁ ଟ୍ୟାଗ୍ ଆସୁନାହିଁ। ଯେତିକି ପରିମାଣର ଟ୍ୟାଗ୍ ଆସିବା କଥା ଆସୁ ନ ଥିବାରୁ ଚାଷୀଙ୍କ ଟୋକନ ଲ୍ୟାପ୍‌ସ ହେବା ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷେ ଯେଉଁ ଚାଷୀମାନଙ୍କ ଧାନ ବିକ୍ରି ହୋଇଛି ଏଫ୍‌ଏକ୍ୟୁ ମାନ ଥିଲେ ମଧ୍ୟ ୩ରୁ ୫ କେଜି ଯାଏ ଧାନ କଟନି ହେଉଛି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନି। ସେହିପରି ଧାନ କିଣାବିକା ଓ ଟୋକନ ସମସ୍ୟା ନେଇ ଜାରି ହୋଇଥିବା ହେଲ୍ପଲାଇନ ନମ୍ବର ୧୯୬୭ କେବଳ ନାମକୁ ମାତ୍ର ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ନମ୍ବର ସବୁ ସମୟରେ ବ୍ୟସ୍ତ ରହୁଥିବା ଶୁଣାଯାଉଛି। ଶୁକ୍ରବାର ସୁଦ୍ଧା ସିଂହବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀର ବୁକୁରାମୁଣ୍ଡା ମଣ୍ଡିରେ ସର୍ବାଧିକ ୩୬ ହଜାର ପ୍ୟାକେଟ ଧାନ ପଡିରହିଥିବା ବେଳେ ଝାରବନ୍ଧ ଲଉଡିର୍ହାରେ ୩୫ ହଜାର, ବିଜେପୁର କେଉଁଟପାଲିରେ ୨୫ ହଜାର, ପାଇକମାଳ, ଝିଟିକି, ଝାରବନ୍ଧ ୟାର୍ଡମାନଙ୍କରେ ୨୫ ହଜାରରୁ ଉର୍ଦ୍ଧ୍ୱ ଧାନ ବସ୍ତା ପଡିରହିଥିବା ନିୟନ୍ତ୍ରିତ ବଜାର କମିଟି ସୂତ୍ରରୁ ଜଣାପଡିଛି। ମିଲର୍ସ ଟ୍ୟାଗ୍ ନ ଆସିଲେ ଚାଷୀଙ୍କ ଟୋକନ ଲ୍ୟାପ୍ସ ହେବ। ଏହା ପୁଣି ଏକ ଚାଷୀ ଆନ୍ଦୋଳନକୁ ଖୋରାକ୍ ଯୋଗାଇବା ସମ୍ଭାବନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପଧାନଙ୍କୁ ପଚାରିବାରୁ ମିଲର୍ସ ଟ୍ୟାଗ୍ ପାଇଁ ସରକାରଙ୍କୁ ଲେଖାଯାଇଛି। ଟ୍ୟାଗ୍ ଶୀଘ୍ର ଆସିବ, କାହାର ଟୋକନ ଲାପ୍ସ ହେବାକୁ ଦିଆଯିବ ନାହିଁ ବୋଲି ସେ କହିଥିଲେ।



ପଦ୍ମପୁରର ଏକ ମଣ୍ଡିରେ ପଡିରହିଥିବା ଧାନ।

## ବରଗଡ଼ରେ ପାର୍ବତୀ ଗିରିଙ୍କ ଜୟନ୍ତୀ

ବରଗଡ଼ ଅଫିସ୍,୨୦।୧

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ଆଡିଭର୍ସ ହେଲ୍‌ପିଂ ଫାଉଣ୍ଡେଶନ ବରଗଡ଼ ପକ୍ଷରୁ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ଦିବାକର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା କଳ୍ପନା ମାଝୀ ସ୍ୱତନ୍ତ୍ର ଅତିଥି, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ପାର୍ବତୀ ଗିରିଙ୍କ ଦାୟାଦ ନିହାରିକା ଗିରି, ସମାଜସେବୀ ପାଣ୍ଡବ କର୍ଣ୍ଣ, ଭବାନୀ ସାହୁ, ଶିକ୍ଷକ ଅରବିନ୍ଦ ଗୁପ୍ତା, ମେଘନାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର(ହିନ୍ଦୀ ବିଭାଗ)ର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଦୈତାରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱାଗତିକା ଦାଶ ପରିଚୟ ପ୍ରଦାନ କରିଥିଲେ। ପର୍ବତାରୋହୀ ଲିପିକା ସେଟ୍ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଶିଶୁ ଅର୍ନିକା ଅଭିଲିପ୍‌ସା ପ୍ରଧାନ, ନିଷ୍ଠା ପରିବାର, ସଂକଳ୍ପ ପରିବାର, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ବ୍ରଦର୍ସ ହୁଡ୍ ଫାଉଣ୍ଡେଶନ, ଫ୍ରେଣ୍ଡ୍ ଏ ହୋପ୍, କୋଶଲ ଫାଉଣ୍ଡେଶନ, ଫର୍, ସମ୍ବିଧାନ ସୁରକ୍ଷା ମଞ୍ଚ, ଅସୀମ ଭୋଇ, ଆଦିତ୍ୟ ପ୍ରଧାନ, ସିମରନ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର କ୍ଷୀରୋଦିନୀ ବେହେରା, ଗଜିନ୍ଦ୍ର ମେହେର, ଅଭିଳାଷା ଗୁପ୍ତା, ମୁସ୍କାନ ପାଣ୍ଡେ, ଶିବାନୀ ପାଢ଼ୀ, ମଧୁସ୍ମିତା ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି କଲେଜର ବାର୍ଷିକୋତ୍ସବ

ଗାଇସିଲେଟ,୨୦।୧(ଡି.ଏନ.ଏ.)

ବରଗଡ଼ ଜିଲା ଗାଇସିଲେଟ ସ୍ଥିତ ପଞ୍ଚାୟତ ସମିତି କଲେଜର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୂର୍ଯ୍ୟନାରାୟଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟା ଝରଣା ପାଣିଗ୍ରାହୀ, ଗାଇସିଲେଟ ବ୍ଲକ ଏମ୍‌ପି ପ୍ରତିନିଧି ପ୍ରବୀଣ ପାଣିଗ୍ରାହୀ ଓ ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଲେଜର ଉନ୍ନତି ପାଇଁ ଗୁରୁତ୍ୱାରୋପ କରିଥିଲେ। ଡଃ ଜୟକେତନ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଜଗଦୀଶ କୁମାର ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ଡଃ ପୁରୁଷୋତ୍ତମ ମିଶ୍ର ତାଙ୍କ ଓଜସ୍ୱିନୀ ଓ ଭାବଗର୍ଭକ ବକ୍ତବ୍ୟରେ ସମସ୍ତଙ୍କ ହୃଦୟକୁ ଆହ୍ଲାଦିତ କରିଥିଲେ। ଶେଷରେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଅର୍ଜୁନ କୁମାର ମହାନ୍ତି, ପ୍ରାଧ୍ୟାପକ ନାରାୟଣ ମିଶ୍ର, ହେମନ୍ତ କୁମାର ପଣ୍ଡା ଓ ପ୍ରତୀକ୍ଷା ଦଣ୍ଡସେନା ପରିଚାଳନା କରିଥିଲେ। କଲେଜର ଛାତ୍ରୀ ଦମୟନ୍ତୀ ଏଣ୍ଡଜା, ଛାତ୍ର ଆକାଶ ବରିହା ଓ ପ୍ରିୟାଂଶୁ ସାହୁଙ୍କ ସହ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅତାବିରାରେ ଭାରତ ଯୋଡ଼ୋ ଯାତ୍ରା



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଉଛନ୍ତି ।

ସରଣ୍ଡା,୨୦।୧(ଡି.ଏନ.ଏ.)

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଶୁକ୍ରବାର ବରଗଡ଼ ଜିଲା ଅତାବିରାରେ ପହଞ୍ଚିଥିଲା। ଶନିବାର ସକାଳ ୯ଟାରେ ଝାଉଁଜୋର ନିକଟସ୍ଥ ଅସ୍ଥାୟୀ କ୍ୟାମ୍ପରୁ ବରଗଡ଼ ଅଭିମୁଖେ ପଦଯାତ୍ରା ଆରମ୍ଭ ହେବ। ଏହା ୨୩ତାରିଖରେ ବରପାଲି ଦେଇ ସୁବର୍ଣ୍ଣପୁର ସୀମାରେ ପହଞ୍ଚିବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଥିଲେ, ଦେଶରେ ଜାତି, ଧର୍ମ, ଭାଷା ଓ ସଂସ୍କୃତି ନାମରେ ମଣିଷଠାରୁ ମଣିଷକୁ ଦୂରେଇ ଦିଆଯାଉଛି । ଏପରି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଐତିହାସିକ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଛି। ଏହା ଏକ ଭାବାତ୍ମକ ଓ ଆବେଗିକ ଯାତ୍ରା। ଯେଉଁଠି ସ୍ନେହ ଓ ଭାତୃତ୍ୱ ଯାତ୍ରାର ଭିତ୍ତି। ଏହା କୌଣସି ରାଜନୈତିକ କାର୍ଯ୍ୟକ୍ରମ ନୁହେଁ ବା ଦଳର ପ୍ରତୀକ ନୁହେଁ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ରବିନାରାୟଣ ପଣ୍ଡା, ଯୁଗଳ ପ୍ରସାଦ ସିଂହ, ପ୍ରଦୀପ କୁମାର ଦେବତା, ଦୀପକ ରାୟ, ଉନ୍ନି ନାୟର, ରାଜେଶ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ବରଗଡ ଜିଲା ବଣିକ ସଂଘର କର୍ମକର୍ତ୍ତା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଏସ୍‌ଟି ମାଡ଼ରେ ସେମାନେ ଅତିଷ୍ଠ ହେଲେଣି ବୋଲି ବଣିକ ସଂଘ ଅଭିଯୋଗ କରିଥିଲେ। ଆଲୋଚନା ସମୟରେ ଜିଲା ବଣିକ ସଂଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ କିଶୋର କୁମାର ଅଗ୍ରୱାଲ, ରମେଶ ରେଖାନି, ପ୍ରମୋଦ ଅଗ୍ରୱାଲ, ମୁରାରି ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ରଜିନ ସାଓ୍ୱଡ଼ିଆ, ବିମଳ ସାଓ୍ୱଡ଼ିଆ, ରାଜେଶ ଗୋଲ୍ଲୁ, ମନୀଷ ଅଗ୍ରୱାଲ, ସୋନୁ ରେଖାନୀ, ମେଘରାଜ, ସୁନିଲ ଅଗ୍ରୱାଲ, ଅନିକ କୁମାର, ଅତାବିରା ବଣିକ ସଂଘ ପକ୍ଷରୁ ଅରବିନ୍ଦ ପାତ୍ର, ସରୋଜ କୁମାର ମିଶ୍ର ଓ ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ ଆସୁଛନ୍ତି ଅଶୋକ ଧ୍ୟାନଚାନ୍ଦ

ବରଗଡ଼ ଅଫିସ୍,୨୦।୧



ଅଶୋକ ଧ୍ୟାନଚାନ୍ଦ ।

ହକି ବିଶ୍ୱକପ୍ ପାଇଁ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ପୁଅ ଅଶୋକ କୁମାର ଓଡ଼ିଶା ଆସିଛନ୍ତି। ଆସନ୍ତା ୨୫ତାରିଖରେ ସେ ବରଗଡ଼ ଗସ୍ତ କରୁଥିବା ନେଇ ଇମ୍ପିରିୟଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ସୂଚନା ଦେଇଛନ୍ତି। ୨୫ତାରିଖ ସନ୍ଧ୍ୟାରେ ଇମ୍ପିରିୟଲ କଲେଜ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବ ଏବଂ ୨୬ତାରିଖ ଗଣତନ୍ତ୍ର ଦିବସରେ ସେ ଉକ୍ତ କଲେଜରେ ପତାକା ଉତ୍ତୋଳନ କରିବେ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖନୀୟ, ଅଶୋକ କୁମାର ୧୯୭୦ରୁ ଭାରତ ପକ୍ଷରୁ ଖେଳି ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ସହିତ ୩ଟି ବିଶ୍ୱକପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୭୫ରେ କ୍ୱାଲାଲାମ୍ପୁରଠାରେ ହୋଇଥିବା ହକି ବିଶ୍ୱକପ୍‌ରେ ସେ ପାକିସ୍ତାନ ବିପକ୍ଷରେ ଗୋଲ ସ୍କୋର କରି ଦଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କର ୨ଦିନର ରହଣୀ ଭିତରେ ସେ କଲେଜର ଛାତ୍ରୀଛାତ୍ରଙ୍କ ସହିତ ହକି ଖେଳ ଉପରେ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋୟଲ ସୂଚନା ଦେଇଛନ୍ତି।

## ନିଶା ସାମଗ୍ରୀ ଜବତ, ୨ ଗିରଫ

**ପାଇକମାଳ, ୨୦।୧(ଡି.ଏନ.ଏ.):** ନିଶା କାରବାର ବେଳେ ବରଗଡ ଜିଲା ପାଇକମାଳ ପୋଲିସ ଗୁରବାର ରାତିରେ ବଢେଇପଡା ନିକଟରେ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚମ୍ପାଲାଲ ସେଠ (୨୪) ଓ ଦେବବ୍ରତ ସେଠ (୨୨)। ସେମାନଙ୍କଠାରୁ ନିଶା ସାମଗ୍ରୀ ସହ ୨ଟି ମୋବାଇଲ ଜବତ କରାଯାଇଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୪/୨୩) ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତ ଦ୍ୱୟଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି ।

# ଅଭିଯୁକ୍ତ ଗିରଫ, ୨.୮୫ ଲକ୍ଷ ଜବତ

## ■ ଚେକ୍ ଚୋରି କରି ବ୍ୟାଙ୍କରୁ ଟଙ୍କା ଉଠାଣ

ବରଗଡ଼ ଅଫିସ୍,୨୦।୧

ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଚାଣ୍ଟିପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକ ବେହେରା ଟଙ୍କା ଉଠାଣ ପାଇଁ ଦସ୍ତଖତ କରି ରଖିଥିବା ଏକ ଚେକ୍ ଚୋରି ହେବା ଏବଂ ସେହି ଚେକ୍‌କୁ ବ୍ୟବହାର ଅନ୍ୟ ଜଣେ ଟଙ୍କା ଉଠାଇବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ଶୁକ୍ରବାର ବରିହାପୋଖପାଣି ଗ୍ରାମର ବିଞ୍ଝାଲୁ ଓରଫ ଝସକେତନ ସାହୁଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ଗାଇସିଲେଟ ଥାନାରେ ଦଫା ୩୭୯, ୪୨୦ ଆଇପିସିରେ ଏକ ମାମଲା(ନଂ.୧୧/୨୩) ରୁଜୁ ହୋଇଛି ।

ଗାଇସିଲେଟ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇ କହିଥିଲେ, ଗତ ୧୭ ତାରିଖରେ ଚାଣ୍ଟିପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ବେହେରା ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଏକ ଚେକ୍‌ରେ ଦସ୍ତଖତ କରି ତାକୁ ଏକ ବ୍ୟାଗ୍‌ରେ ରଖିଥିଲେ। ବ୍ୟାଙ୍କକୁ ଯିବା ବାଟରେ ସେହି ବ୍ୟାଗ୍‌କୁ ବାଇକ୍‌ରେ ରଖି ଦୋକାନରେ ସେ ଚା’ ପିଇଥିଲେ। ଏହି ସମୟରେ ଅଭିଯୁକ୍ତ ବିଞ୍ଝାଲୁ ସେଠାରୁ ସେହି ଚେକ୍ ଥିବା ବ୍ୟାଗ୍‌କୁ ଚୋରି କରି ନେଇଥିଲେ। ଏହାସହିତ ସେହି ଚେକ୍ ନେଇ ବ୍ୟାଙ୍କରୁ ୨ଲକ୍ଷ ୮୫ହଜାର ଟଙ୍କା ଉଠାଇ ନେଇଥିଲେ। ବ୍ୟାଙ୍କକୁ ଯାଇ ଟଙ୍କା ଉଠାଯାଇଥିବା ଜାଣିବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବେହେରା ପୋଲିସରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହିତ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ ସହିତ ତାଙ୍କଠାରୁ ୨ଲକ୍ଷ ୮୫ହଜାର ଟଙ୍କା ଜବତ କରିଥିଲା।



ଖବରଦାତା ସମ୍ମିଳନୀରେ ଜବତ ଟଙ୍କା ସହ ଅଭିଯୁକ୍ତ।

# ଜମିପଟ୍ଟା ଦିଅ, ନଚେତ୍ ବିସ୍ଥାପନ କର

ବରଗଡ଼ ଅଫିସ୍,୨୦।୧

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କର୍ଲା ପଞ୍ଚାୟତ ଅନ୍ତର୍ଗତ ଦେଚୁଆଁ ଗ୍ରାମବାସୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କ ପାଖକୁ ମୌଳିକ ସୁବିଧା ସୁଯୋଗ ମିଳିନାହିଁ। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗ୍ରାମର ସମସ୍ତ ଭୂମିହୀନଙ୍କୁ ଜମିପଟ୍ଟା ଦିଆଯାଉ, ନଚେତ୍ ସେମାନଙ୍କୁ ଗ୍ରାମରୁ ବିସ୍ଥାପନ କରାଯାଉ ବୋଲି ଗ୍ରାମବାସୀ ସ୍ମାରକପତ୍ରରେ ଦାବି କରିଛନ୍ତି।

ପ୍ରକାଶ ଯେ, ଦେଚୁଆଁ ଗ୍ରାମରେ ସମୁଦାୟ ୭୬ ପରିବାର ରହୁଛନ୍ତି। ଜନସଂଖ୍ୟା ୩ ଶହରୁ ଅଧିକ ହେବ। ଗ୍ରାମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ, ସାଧାରଣ ବର୍ଗର ଲୋକେ ବସବାସ କରୁଛନ୍ତି। ଗ୍ରାମରେ ଥିବା ଜମିକୁ ଚାଷୋପଯୋଗୀ କରି ସେଠାରେ ଚାଷବାସ କରି ଗ୍ରାମବାସୀ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଦୀର୍ଘବର୍ଷରୁ ତଥା ବାପଅଜା ଅମଳରୁ ସେଠାରେ ବସତି ସ୍ଥାପନ କରିବା ସହିତ ଏହି ବସ୍ତି ଗଢ଼ି ଉଠିଛି। କିନ୍ତୁ ଗ୍ରାମବାସୀଙ୍କ ପାଖକୁ ଏପର୍ଯ୍ୟନ୍ତ ସରକାରୀ ସୁବିଧା ସୁଯୋଗ ପହଞ୍ଚି ପାରିନାହିଁ। ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ, ଗ୍ରାମର କେବଳ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ମାତ୍ର ପଛୁଆବର୍ଗ ଏବଂ ସାଧାରଣ ବର୍ଗର ଭୂମିହୀନଙ୍କୁ ସେଥିରୁ ବଞ୍ଚିତ କରାଯାଇଛି। ଫଳରେ ସେମାନେ ସରକାରୀ ଯୋଜନା ଗୁଡ଼ିକରେ ସାମିଲ ହୋଇପାରୁ ନ ଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତିଗତ ପ୍ରମାଣପତ୍ର, କୃଷିଋଣ, ଧାନ ବିକ୍ରିବଟା, ଝିଅପୁଅଙ୍କ ପାଠପଢ଼ା, ଜଙ୍ଗଲୀ ଜନ୍ତୁଙ୍କ ଦ୍ୱାରା ଫସଲକ୍ଷତିର କ୍ଷତିପୂରଣ ଆଦି କ୍ଷେତ୍ରରେ ହଟହଟା ହେବା ସହିତ ସରକାରୀ ଯୋଜନାର ଲାଭ ଉଠାଇବାରେ ସେମାନେ ବଞ୍ଚିତ ହେଉଥିବା ଗ୍ରାମବାସୀ କହିଛନ୍ତି ।

ଗ୍ରାମର ଗଣେଶ ଧରୁଆ କହିଛନ୍ତି, ବାର୍‌ହାମାନେ ଚାଷଜମିକୁ ଆସି ବାରମ୍ବାର ଫସଲକ୍ଷତି କରୁଛନ୍ତି। କିନ୍ତୁ ଜମିପଟ୍ଟା ନ ଥିବାରୁ ଗ୍ରାମବାସୀଙ୍କୁ ବନ ବିଭାଗ ପକ୍ଷରୁ ଫସଲକ୍ଷତି ବାବଦକୁ କ୍ଷତିପୂରଣ ମଧ୍ୟ ମିଳିପାରୁନାହିଁ । ସେହିପରି ଅନ୍ୟ ଜଣେ ଗ୍ରାମବାସୀ ସୁରେନ୍ଦ୍ର ବାଗ କହିଛନ୍ତି, ଜମିପଟ୍ଟା ନ ଥିବା ଯୋଗୁ ଚାଷୀ ପରିଚୟପତ୍ର ହୋଇପାରୁନାହିଁ। ଫଳରେ ସେମାନେ ସରକାରୀ ସହାୟକ ମୂଲ୍ୟରେ ଧାନବିକ୍ରି କରି ପାରୁନାହାନ୍ତି ଏବଂ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏହି ଦୃଷ୍ଟିରୁ ଗ୍ରାମର ସମସ୍ତ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ସହିତ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ, ନଚେତ୍ ସେମାନଙ୍କୁ ଗ୍ରାମରୁ ବିସ୍ଥାପନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଚକାନନ ବାଗ, ଅର୍ଜୁନ ବାଗ, ହେମାନନ୍ଦ ବାଗ, ଆନନ୍ଦ ବାଗଙ୍କ ସମେତ ବହୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଦେଚୁଆଁ ଗ୍ରାମବାସୀ ।

### ପ୍ରଶାସନ ନିକଟରେ ଭୂମିହୀନଙ୍କ ଦାବି

## ସଂକ୍ଷେପରେ

### ୨ ସ୍କୁଟି ଧକ୍କା: ୩ ଆହତ

**ଝାରସୁଗୁଡ଼ା ଅଫିସ,୨୦ା୧:** ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ବମ୍ଭେଛକ ନିକଟ କାପୁମାଲ ରାସ୍ତାରେ ଗୁରୁବାର ରାତି ୮ଟାରେ ୨ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସରବେର୍ଣ୍ଣା ଗ୍ରାମ ଓରାପଡାର ବିନୋଦ ମିଞ୍ଜ (୩୫), ବୁଡିପଦର ଗ୍ରାମର ଅମିତ ଓରାମ (୨୨) ଓ ସୁନ୍ଦରଗଡ ବାଉଁଶଗଡ ଗ୍ରାମର ଦୀଲିପ କିରୋ(୨୫)। ସମସ୍ତ ଆହତଙ୍କୁ ପୋଲିସ୍ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବିନୋଦଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ବୁର୍ଲା ବଡମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଗ୍ରସ୍ତ ୨ ସ୍କୁଟି ଜବତ କରି ତଦନ୍ତ ଚଳାଇଛି।

### ଭାଜପାର ସାଙ୍ଗଠନିକ ବୈଠକ

**ବ୍ରଜରାଜନଗର,୨୦ା୧(ଡି.ଏନ.ଏ.):** ବ୍ରଜରାଜନଗର ମଣ୍ଡଳ ତରଫରୁ ବ୍ରଜରାଜନଗର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆ ଅଧକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡଳ କିପରି ସୁଦୃଢ ଓ ଶକ୍ତିଶାଳୀ ହୋଇପାରିବ ସେ ନେଇ ସମସ୍ତଙ୍କୁ ଅବଗତ କରିଥିଲେ। ରାଧାରାଣୀ ପଣ୍ଡା, ମଙ୍ଗଳ ସାହୁ, ସୁନୀଲ କୁମାର ପଣ୍ଡା, ଅମରେନ୍ଦ୍ର ରାୟ, ଅନିଲ କୁମାର ନାୟକ, ସୁନୀଲ କୁମାର ଦାସ, ବିମଳେନ୍ଦୁ ଭୋଳ, ରତନ ଜସୱାଲ ମଞ୍ଚସୀନ ଥିଲେ। ଶେଷରେ ଅନିଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସିକେ ନାଇଡୁ ଟ୍ରଫି ପାଇଁ ସନ୍ତୋଷ ଯାଦବ ମନୋନୀତ



**ଝାରସୁଗୁଡ଼ା ଅଫିସ୍,୨୦ା୧:** ଝାରସୁଗୁଡାର ଯୁବ କ୍ରିକେଟ୍ ଖେଳାଳି ସନ୍ତୋଷ ଯାଦବ ସିକେ ନାୟୁଡୁ ଟ୍ରଫିରେ ଓଡ଼ିଶା ଦଳରୁ ଖେଳିବାପାଇଁ ମନୋନୀତ ହୋଇଛନ୍ତି। ଏହି ଟ୍ରଫିରେ ସେ ବରୋଦା ଦଳ ବିରୋଧରେ ମ୍ୟାଚ୍ ଖେଳିବେ। ସନ୍ତୋଷଙ୍କୁ ଓସିଏର ପୂର୍ବତନ ଯୁଗ୍ମସମ୍ପାଦକ ମେହେତାବ ଖାନ୍, ଜିଲା କ୍ରୀଡା ସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ରେଙ୍ଗାଲି ଆଦର୍ଶ ବିଦ୍ୟାଳୟ ଜାତୀୟସ୍ତରରେ ପୁରସ୍କୃତ

**ରେଙ୍ଗାଲି,୨୦ା୧(ଡି.ଏନ୍.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ଓଡ଼ିଶା ଅଦର୍ଶ ବିଦ୍ୟାଳୟ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଟେରେ ଅଲମ୍ପିଆଡ଼ରେ ଭାଗନେଇ କଠିନ କ୍ଷେତ୍ରରେ ବିଜୟୀ ହୋଇ ପୁରସ୍କୃତ ହୋଇଛନ୍ତି। ଶୁକ୍ରବାର ପୁନେସ୍ଥିତ ପତ୍ରକାର ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭେଦକରଙ୍କଠାରୁ ବିଦ୍ୟାଳୟର ଶିକ୍ଷକ ଆକାଶ କୁମାର ତାଣ୍ଡି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ସ୍କୁଲ ଅଧକ୍ଷ ରାମଣିକାନ୍ତ ସାହୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଭାଜପା କିର୍ମିରା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

**ଝାରସୁଗୁଡ଼ା ଅଫିସ,୨୦ା୧:** ଭାଜପା କିମିରା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ବନ୍ଧପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଓ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦଳର ସାଙ୍ଗଠନିକ ସ୍ଥିତିକୁ ତୃଣମୂଳ ସ୍ତରରୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତ ପାଇଁ ଆଲୋଚନା ହୋଇଥିଲା। ମଣ୍ଡଳ ସଭାପତି ବିଜୟ ଶର୍ମା, ସାଧାରଣ ସମ୍ପାଦକ ଝସକେତନ ପ୍ରଧାନ, ବାବୁଲାଲ କିଷାନ, ଜାମିନୀକାନ୍ତ ନାଏକ, ଝସ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟେକଚାନ୍ଦ ପଟେଲ, ଜୟନାରାୟଣ ପଟେଲ ଓ ବନ୍ଧପାଲିର ପୂର୍ବତନ ସରପଞ୍ଚ ସଞ୍ଜୟ ପଟେଲ ପ୍ରମୁଖ ବିଜେଡ଼ି ଛାଡି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଛନ୍ତି। ଏମାନଙ୍କୁ ଦଳରେ ସ୍ୱାଗତ କରାଯାଇଛି ।

# କେନ୍ଦ୍ର, ରାଜ୍ୟ ଯୋଜନାର ରୂପାୟନ ଉପରେ ଗୁରୁତ୍ୱ

**ସମ୍ବଲପୁର,୨୦ା୧(ବ୍ୟୁରୋ)**

ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଲୋକ ସଭା ସଦସ୍ୟ ନୀତେଶ ଗଙ୍ଗଦେବଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ଲକ ଅଧକ୍ଷ, ସରପଞ୍ଚ, ରେଢ଼ାଖୋଲ, କୁଚିଣ୍ଡା ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୈଠକ ।

ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଲୀପ ବଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ଜିଲାପାଳ ଦାସ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ଉପସ୍ଥିତ ଥିବା ଜନପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନ ଓ ଅଭିଯୋଗ ଉପରେ ସଠିକ ମତ ରଖିବାକୁ ଜିଲାପାଳ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସଫଳ ଓ ବିଫଳତା, ଲକ୍ଷ୍ୟ ଧାର୍ଯ୍ୟ, ବିଫଳତାର କାରଣ ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ରୀୟ ଯୋଜନା ଏମ୍‌ଜିଏନ୍‌ଆରଇଜିଏସ୍, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧ୍ୟାହ୍ନ ଭୋଜନ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, କୃଷି ସ୍ୱାସ୍ଥ୍ୟକାର୍ଡ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ସମନ୍ୱିତ କୃଷି ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ସହିତ ଜିଲାରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଜିଲାରେ ମୋଟ ୩୨୩୪୦ ହିତାଧିକାରୀ ରହିଛନ୍ତି। ଦିନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଅନ୍ତର୍ଗତ ସୌଭାଗ୍ୟ ଯୋଜନାରେ ଜିଲାରେ ମୋଟ ୩୯୮୬୨ ଘରକୁ ବିଦ୍ୟୁତ୍ ଯୋଗାଣ ସରିଛି। ଜିଲାରେ ୧୮୮୬ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି। ସେଥିମଧ୍ୟରୁ ୧୫୦୬ଟି ମୁଖ୍ୟ ଓ ୩୮୦ଟି ମିନି ବର୍ଗରେ ରହିଛି। ପଞ୍ଚାୟତ, ବ୍ଲକ, ଜିଲା ସଦର ମହକୁମାରେ ଲୋକଙ୍କ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ତାଲିକା ଲଗାଇବାକୁ ବିଧାୟକମାନେ କହିଛନ୍ତି। ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ଲୋକ ସଭା ସଦସ୍ୟ ଗଙ୍ଗଦେବ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଜିଲା ପରିଷଦ ଅଧିବେଶନ**
■ ଦୁର୍ଗମ ଅଞ୍ଚଳରେ ଟାୱାର ନିର୍ମାଣ ଦାବି

### ବାର୍‌ହା ମାଂସ ଜବତ, ଜଣେ ଗିରଫ

**ନାକଟିଦେଉଳ,୨୦ା୧(ଡ଼ି.ଏନ.ଏ.)**

କିସିଣ୍ଡା ରେଞ୍ଜ ଗଇଳମୁଣ୍ଡି ଜଙ୍ଗଲରେ ବନ୍ୟପ୍ରାଣୀ ବିଭାଗ ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨କେଜି ବାର୍‌ହା ମାଂସ ଜବତ କରିଛି। ଗିରଫ ବ୍ୟକ୍ତି ହେଲେ ଦେବଗଡ଼ ଜିଲା ରିଆମାଳ ଥାନା ବିରିଆମ ଗ୍ରାମର ଯଶୋବନ୍ତ ମାଝି। ସୂଚନା ଅନୁସାରେ ଗୁରୁବାର ଅପରାହ୍ନରେ ଖଳାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜର କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଜଙ୍ଗଲ ଭିତରେ ଯଶୋବନ୍ତଙ୍କୁ ଧରି ବାର୍‌ହା ମାଂସ ଜବତ କରିଥିଲେ। ଶନିବାର ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଖଳାଶୁଣି ବନ୍ୟପ୍ରାଣୀ ଅଭୟାରଣ୍ୟର ଫରେଷ୍ଟର ଅନୁରାଧା ଖର୍ସେଲ କହିଛନ୍ତି। ଫରେଷ୍ଟଗାର୍ଡ଼ ଜ୍ୟୋତିନ୍ଦ୍ର ମାଝି ଓ କର୍ମଚାରୀ ଏହି ଚଢାଉ କରିଥିଲେ।

## ଜାତୀୟ ରାଜପଥର ଅଧୁରା କାମ ମାର୍ଚ୍ଚ ୩୧ ସୁଦ୍ଧା ସରିବ

**ପଡିଆବାହାଲ, ୨୦ା୧(ଡି.ଏନ.ଏ.)**

ଜାତୀୟ ରାଜପଥ ୫୩ର ଅଧୁରା ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ। ଯୁଯୁମୁରା ବ୍ଲକ ପଡିଆବାହାଲ ସଚେତନ ନାଗରିକଙ୍କ ତରଫରୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ଗୁରୁବାର ସମ୍ବଲପୁର ଟାଉନ ଥାନା ପରିସରରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଉପଜିଲାପାଳ ପ୍ରଦୀପ ଡନସେନା, ଏସ୍‌ଡିପିଓ ପ୍ରଦୀପ ସାହୁ, ଯୁଯୁମୁରା ତହସିଲଦାର ଅଭିଷେକ ସାହୁ, ଏନ୍‌ଏଚ୍‌ଏଆଇ ମ୍ୟାନେଜର ନିତିନ ଗୁପ୍ତା, ସଦର ଆଇଆଇସି ଅନିତା ପଟ୍ଟନିଆ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଟ୍ରାକ୍ଟର ଟ୍ରଲି, ହର୍ଭେଷ୍ଟର ପ୍ରଭୃତି ଗାଡିକୁ ଟୋଲ ଟିକସ ମୁକ୍ତ କରିବା, ରେମେଡ଼, ଅଇଁଠାପାଲି, ପଡିଆବାହାଲଠାରେ ଫ୍ଲାଏଓଭର


ବୈଠକରେ ଅଧିକାରୀଙ୍କ ସହ ନାଗରିକ କମିଟି କର୍ମକର୍ତ୍ତା।

ନିର୍ମାଣ, ବାକିଥିବା ବ୍ରିଜ୍ କାମ, ଜୟନ୍ତପୁର ଛକରେ ଷ୍ଟ୍ରିଟ ଲାଇଟ କାମ, ଖସୁପାଲି, ପଧାନପାଲି, ବଡ଼ତୁରାଙ୍ଗ, ସନାତନପାଲି, ପଇଦାମାଲକୁ ସଂଯୋଗ ରାସ୍ତା ଶେଷ କରିବା ନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଞ୍ଚଳର ୩୦ ପ୍ରାର୍ଥୀ ଚାକିରି ପାଇଁ ଆବେଦନ କରିଥିବାରୁ ଖାଲି ପଦବୀରେ ଯୋଗ୍ୟତା ଥିବା ସ୍ଥାନୀୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ଆଲୋଚନା ହୋଇଥିଲା। ନାଗରିକ କମିଟିର ରାଜାରାମ ଷଡ଼ଙ୍ଗୀ, ଶରତ ସାହୁ, ସୁଦୀପ୍ତ ନାଥ, ପ୍ରବିନ ସୁପକାର, ପ୍ରତାପ ନାଏକ, ମନୋଜ ସୁବୁଦ୍ଧି, ସମ୍ବିତ ବେହେରା, ପ୍ରମୋଦ ମିଶ୍ର, ଝସକେତନ ନାଏକ, ଆକାଶ ବେହେରା ଉପସ୍ଥିତ ଥିଲେ।

## ତୀରନ୍ଦାଜୀରେ ଯୁଯୁମୁରାର ଭଉଣୀଭାଇଙ୍କ ସଫଳତା

**ସମ୍ବଲପୁର,୨୦ା୧(ବ୍ୟୁରୋ)**

ଆନ୍ଧ୍ରପ୍ରଦେଶର ବିଶାଖାପଟନମଠାରେ ଆୟୋଜିତ ବାଳିକା ଓ ବାଳକ ତୀରନ୍ଦାଜୀ ପ୍ରତିଯୋଗିତାରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଭଉଣୀଭାଇଙ୍କ ସମେତ ୩ଜଣ ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ରିକର୍ଭ ରାଉଣ୍ଡରେ ୭୨୦ ପଏଣ୍ଟରୁ ୬୭୭ ହାସଲ କରିଥିବା ଅର୍ଣବ କୁମାର ଦେହୁରି, ଇଣ୍ଡିଆନ ରାଉଣ୍ଡରେ ୭୨୦ ପଏଣ୍ଟରୁ ୬୬୯ ହାସଲ କରିଥିବା ଭଉଣୀ ଅନ୍ୱେଷା ଦେହୁରି ଓ ୭୨୦ ପଏଣ୍ଟରୁ ୬୪୨ ସ୍କୋର କରିଥିବା ଖୁସବୁ ହସପୂର୍ତ୍ତି। ଓଡ଼ିଶାର ୭ ଜଣ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସର୍ବଭାରତୀୟ ର୍‍ୟାଙ୍କରେ ଅର୍ଣ୍ଣବ ୯ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ମଧ ଯୁଯୁମୁରା ଅଞ୍ଚଳର ଏହି ଭଉଣୀଭାଇ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଏନ୍‌ଟିପିସି ପକ୍ଷରୁ ୫ତମ ଭୋଲଗା ମେମୋରିଆଲ କିଡ୍‌ସ ତୀରନ୍ଦାଜ ପ୍ରତିଯୋଗିତା ଜାନୁୟାରୀ ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।


ଯୁଯୁମୁରା ବ୍ଲକର କୁନି ଖେଳାଳିମାନେ।

### ସ୍କ୍ରାପ୍ ବୋଝେଇ ଗାଡ଼ି ସହ ୩ ଗିରଫ



**ଝାରସୁଗୁଡ଼ା ଅଫିସ୍,୨୦ା୧**

ଝାରସୁଗୁଡା ସଦର ଥାନା ପୋଲିସ୍ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ସ୍କ୍ରାପ୍ ବୋଝେଇ ୨ ଗାଡିକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ତେଲିଭଟାର ଅଙ୍ଗଦ ସାହୁ(୩୦), ରାଜେଶ ଥଟେରା(୨୮) ଓ ଦୀପୁପଡାର ଦୁର୍ଗା ସାହୁ(୨୫)ଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନାମରେ ପୋଲିସ୍ ଝାରସୁଗୁଡା ସଦର ଥାନା କେସ ନଂ୨୪/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଜବତ ସାମଗ୍ରୀ ମଧ୍ୟରେ ସାଢେ ୪ଟନ୍ ଆଇରନ୍ ପ୍ଲେଟ୍, ଇଲେକ୍ଟ୍ରିକାଲ୍ ମୋଟର ସହ ଚୋରିରେ ବ୍ୟବହୃତ ୨ଗାଡି ରହିଛି।

### ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୪ତମ ସ୍ମୃତିଦିବସ

**ଝାରସୁଗୁଡ଼ା ଅଫିସ/ବେଲପାହାଡ,୨୦ା୧**

ବେଲପାହାଡ ଗୁମାଡେରା ମାଳିପଡାସ୍ଥିତ ବ୍ରହ୍ମାକୁମାର ଆଶ୍ରମଠାରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂସ୍ଥାପକ ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୪ ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି । ବ୍ରହ୍ମା ବାବା ୧୮୩୬ ମସିହାରେ ଅବିଭକ୍ତ ଭାରତର ସିନ୍ଧ ପ୍ରଦେଶରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଲୌକିକ ନାମ ଥିଲା ଦାଦା ଲେଖରାଜ କୃପାଳିନୀ। ୬୦ ବର୍ଷ ବୟସରେ ଶଙ୍ଖ ଚକ୍ରଧାରୀ ଚତୁର୍ଦ୍ଧାମୂର୍ତ୍ତି ବିଷ୍ଣୁ ସ୍ୱରୂପର ଦିବ୍ୟ ସାକ୍ଷାତକାର ପରେ ତାଙ୍କ ନାମ ବ୍ରହ୍ମାବାବାରେ ପରିବର୍ତ୍ତିତ ହୋଇଥିଲା। ଜାନୁୟାରୀ ୧୮ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବାରୁ ଏହି ଦିବସକୁ ସ୍ମୃତି ଦିବସ ରୂପେ ପାଳନ କରାଯାଇ ଆସୁଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ପରିଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଶିଖା ଉପସ୍ଥିତ ଭଉଣୀଭାଇଙ୍କୁ ବ୍ରହ୍ମାବାବାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ବେଲପାହାଡ ମ୍ୟୁନିସିପାଲିଟିର ପୂର୍ବ ଉପନଗରପାଳ ଦୟାନିଧି ନାୟକ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ନିତ୍ୟାନନ୍ଦ ଶର୍ମା, କୈଳାସ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ କୁମାର ସାହୁ, ଗିରିଶ ଚନ୍ଦ୍ର ତ୍ରିପାଠୀ, ଅର୍ଚ୍ଚନା, ବୀଣା ପ୍ରମୁଖ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ସ୍ତ୍ରୀଙ୍କୁ ଥାନା ଅଧିକାରିଣୀଙ୍କ ମାଡ଼ ଅଭିଯୋଗ

**ସମ୍ବଲପୁର,୨୦ା୧(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅଧିକାରିଣୀ ଅନିତା ପଧାନଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ହୋଇଛି। ଯୁଯୁମୁରା ବ୍ଲକ କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପଧାନଙ୍କ ସ୍ତ୍ରୀଙ୍କୁ ଥାନା ଅଧିକାରିଣୀ ଥାନା ସମ୍ମୁଖରେ ମାଡ଼ ମାରିଛନ୍ତି। ଏପରି କି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ପ୍ରଚାର ହେବା ପରେ ପୋଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରିଣୀ ପଧାନ କହିଛନ୍ତି, ମାଡ଼ ମାରିବା ବା ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଝିଅ ପ୍ରାପ୍ତ ବୟସ୍କ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା।

କବରାପାଲି ଅଞ୍ଚଳର ନିଖୋଜ ଥିବା ଜଣେ ଯୁବତୀଙ୍କ ପରିବାରର ଅଭିଯୋଗ କ୍ରମେ ସେମାନଙ୍କ କଲେଜ ପଢୁଆ ଝିଅ ୮ଦିନ ପୂର୍ବେ ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ମଧ ସନ୍ଧାନ ମିଳି ନ ଥିଲା। ଏ ନେଇ ଅଭିଯୋଗ ପାଇଁ ସଦର ଥାନାକୁ ଯାଇଥିଲେ ମଧ ସେଠାକାର ପୋଲିସ ଧନୁପାଲି ଥାନାକୁ ପଠାଇଥିଲେ। ଧନୁପାଲି ଥାନାରେ ଅଭିଯୋଗ ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏପରିସ୍ଥଳେ ଶୁକ୍ରବାର ପୋଲିସ ଝିଅ ସହ ଜଣେ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଥିବା ଜାଣି ସମ୍ପର୍କୀୟ ତଥା କବରାପାଲି ସରପଞ୍ଚ ଓ ତାଙ୍କ ସ୍ତ୍ରୀ ଥାନାକୁ ଆସି ପଚାରିଥିଲେ। ହେଲେ ପୋଲିସ ସେମାନଙ୍କୁ ଝିଅ ସହ ଭେଟ କରିବାକୁ ନ ଦେଇ ମାଡ଼ ମାରିଥିଲା ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।

### ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ସମ୍ବଲପୁର,୨୦ା୧(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ଓ ତ୍ରିଲୋଚନ ନେତ୍ରାଳୟର ମିଳିତ ସହଯୋଗରେ ରେଙ୍ଗାଲି ଭିଜନ ସେଣ୍ଟରରେ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଉଛି। ୨ବର୍ଷ ଭିତରେ ଅଞ୍ଚଳର ୧୦୦୦ ମୋତିଆବିନ୍ଦୁ ରୋଗୀ ମାଗଣା ଅସ୍ତ୍ରୋପଚାର କରି ଉପକୃତ ହୋଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ରେଙ୍ଗାଲି ସରପଞ୍ଚ ଚିତ୍ତ ରଞ୍ଜନ ବାଗ, ସାଲଡ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଅ, ରାଜୀବ ମିଶ୍ର, ପଦ୍ମନାଭ ଭୋଇ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୦ ରୋଗୀଙ୍କୁ ଉତ୍ସାହିତ କରିଥିଲେ। କମ୍ପାନୀ ତରଫରୁ ମୁଖ୍ୟ ସିଏସଆରଓ ଆର ଆର ଶ୍ୱେତା ଉପାଧ୍ୟାୟ, ସହପ୍ରବନ୍ଧକ ସିଏସ୍‌ଆର୍ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ। ପରେ ସମସ୍ତ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଜମାଦାରପାଲିକୁ ପଠାଯାଇଥିଲା।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମକର ମଞ୍ଚ

**କୁଚିଣ୍ଡା,୨୦ା୧(ଡି.ଏନ.ଏ.)**

ଗତ ୧୪ତାରିଖରୁ ବାମରାଠାରେ ଆରମ୍ଭ ହୋଇଥିବା ମକର ମହୋତ୍ସବ ଗୁରୁବାର ଷଷ୍ଠ ଦିନରେ ପହଞ୍ଚିଛି। ଶହେବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମକର ମଞ୍ଚ ଦୁଲୁକିଥିଲା। ଏହାକୁ ଦର୍ଶକ ମନଭରି ଉପଭୋଗ କରିଛନ୍ତି। ମକର କମିଟି ଉପସଭାପତି ପ୍ରଶାନ୍ତ ଶତପଥିଙ୍କ ସଭାପତିତ୍ୱରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସାହିତ୍ୟିକ ଡ. ସମୀର ନନ୍ଦ ମୁଖ୍ୟବକ୍ତା, ସମ୍ବଲପୁର ଜଲା ପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକ, ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ କୋଷାଧକ୍ଷ ସଞ୍ଜୟ ଜୈନ, ସହସମ୍ପାଦକ ଅରବିନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମକର ମହୋତ୍ସବ ଯୋଗୁ ଅଞ୍ଚଳରେ ଭାଇଚାରା ବୃଦ୍ଧିପାଇଥିବା କହିଥିଲେ। ଏହିଅବସରରେ କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ଦର୍ଶୀ, ଖବରଦାତା ଦିନେଶ ନନ୍ଦ, ଅଦିତ କୁମାର ପଣ୍ଡା, କଳାକର ମହାପାତ୍ର, ସନ୍ତୋଷ ଶୁକ୍ଳା ପ୍ରମୁଖଙ୍କୁ ମକର ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଗୀତ, ନୃତ୍ୟ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଆଦିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପ୍ରମାଣପତ୍ର ପ୍ରଦାନ କରିଥିଲେ।


କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କୁଚିଣ୍ଡା,୨୦ା୧(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ମେହେର ଅତିଥିଭାବେ ଯୋଗଦେଇ ଶିବିର ଉପଯୋଗିତା ବିଷୟରେ ବର୍ଣ୍ଣନା କରିଥିଲେ। ଏହାପରେ ୨୧୬ଜଣ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧାପିକା ବର୍ଷା ମୁଦୁଲି, ଅନୁପା କୁଜୁର, ଅଧାପକ ଯୋଗିନ୍ଦ୍ର ମୁଦୁଲି, ଶିବାନନ୍ଦ ସାହୁ ଉପସ୍ଥିତ ଥିଲେ।

## ଟିଆର୍‌ଏଲ୍ କ୍ରୋସାକି ପୁରସ୍କୃତ



କମ୍ପାନୀ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୨୦ା୧**

ବେଲପାହାଡସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ କାରଖାନା ପରିବେଶ ନେତୃତ୍ୱ ବର୍ଗରେ ସମ୍ମାନଜନକ ଗ୍ରିଣ୍ଟେକ ଆନ୍ତର୍ଜାତୀୟ ପରିବେଶ, ସ୍ୱାସ୍ଥ୍ୟ, ସୁରକ୍ଷା ପୁରସ୍କାର ୨୦୨୩ ପାଇଛି। କମ୍ପାନୀ ଉପାଧକ୍ଷ ନିରଞ୍ଜନ ଦାଶ ଗତ ବୁଧବାର ଗୋଆର ପାନଜୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓଏନ୍‌ଜିସିର ପୂର୍ବତନ ନିର୍ଦ୍ଦେଶକ ତଥା ଗ୍ରିଣ୍ଟେକ ଫାଉଣ୍ଡେଶନର ମୁଖ୍ୟ ଉପଦେଷ୍ଟା ବେଦ ପ୍ରକାଶ ଏବଂ ପରିଚାଳନା ନିର୍ଦ୍ଦେଶକ କମଳେଶ୍ୱର ସାରନଙ୍କ ସମେତ ବହୁ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ବନୀକରଣ କ୍ଷେତ୍ରରେ ନିରନ୍ତର ଉଦ୍ୟମ ଆଧାରରେ ଏହି ପୁରସ୍କାର ମିଳିଥିବା କମ୍ପାନୀ ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର କହିଛନ୍ତି।

## ରାଜ୍ୟର ବିକାଶ, କେନ୍ଦ୍ରର ଅବହେଳା ଲୋକଙ୍କୁ ଜଣାଅ

**ବିଜେଡି ପ୍ରତିଷ୍ଠା ଦିବସ**

**ସମ୍ବଲପୁର,୨୦ା୧(ବ୍ୟୁରୋ)**

ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ସମ୍ବଲପୁର ବିଧାନସଭା ମଣ୍ଡଳ ସ୍ତରରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ପରିଚାଳିତ ସଭାରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ପର୍ଯ୍ୟବେକ୍ଷକ ଇଂ. ନଳିନୀକାନ୍ତ ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ଭଟ୍ଲି ବିଧାୟକ ସୁଶାନ୍ତ ସିଂହ, ବିଜୁ ମହିଳା ଜନତା ଦଳ ରାଜ୍ୟ ସଭାନେତ୍ରୀ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଯୋଜନାରୁ ଲୋକେ କିଭଳି ଉପକୃତ ହେଉଛନ୍ତି, ଯଦି କେଉଁଠି ସମସ୍ୟା ରହିଛି ତାହାକୁ ସମାଧାନ କରିବା, କେନ୍ଦ୍ର ସରକାରଙ୍କ ଅବହେଳା ନେଇ ଲୋକଙ୍କୁ ସଚେତନ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରାୟ ୫୦ଜଣ କଂଗ୍ରେସ କର୍ମୀ ଦଳରେ ସାମିଲ ହୋଇଥିଲେ । ସେମାନଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରିଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାଳିଆ ଯୋଜନାର ଉପଦେଷ୍ଟା ସଞ୍ଜୟ ବାବୁ, କେନ୍ଦୁ ପତ୍ର କର୍ମଚାରୀ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ଜିଲା ବିଜେଡି ଉପସଭାପତି ଅଶୋକ କୁମାର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡିର ପ୍ରତିଷ୍ଠା ଦିବସ ।

